

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବାର୍ଷିକ ସଂଖ୍ୟା

ସାଗରିକା

ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net

ବାଲେଶ୍ୱର ❑ ସୋମବାର ୧୪ ଜୁଲାଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 14 JULY 2025

Vol.No. 36 ■ No.185 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାରେ ଜାତୀୟ ମହିଳା କମିଶନଙ୍କ ହସ୍ତକ୍ଷେପ: ତିନିଦିନ ମଧ୍ୟରେ ରିପୋର୍ଟ ଦେବାକୁ ଓଡ଼ିଶା ପୋଲିସକୁ ନିର୍ଦ୍ଦେଶ



ନୂଆଦିଲ୍ଲୀ,୧୩/୭ : ଜାତୀୟ ମହିଳା ଆୟୋଗ (ଏନସିଡବ୍ଲୁ) ବାଲେଶ୍ୱର ଜିଲ୍ଲାର ଏକ ସରକାରୀ କଲେଜରେ ଝୁଥିବା ୨୦ ବର୍ଷୀୟ ଛାତ୍ରୀ ଆତ୍ମଦାହ କରି ଗୁରୁତର ଓ ଦୁଃଖଦ ଘଟଣାରେ ହସ୍ତକ୍ଷେ କରିଛନ୍ତି । ପୀଡିତା କଲେଜର ଶିକ୍ଷା ବିଭାଗ ମୁଖ୍ୟଙ୍କ ଦ୍ୱାରା ଯୌନ ଉତ୍ପୀଡନ ଏବଂ ଡିଗ୍ରୀ ହାସଲରେ ଅକୃତକାର୍ଯ୍ୟ ଧମକ ପାଇବା ପରେ ପୀଡିତ ହୋଇ ସେ ନିଜ ଦେହରେ ନିଆଁ ଲଗାଇଦେଇଥିବା ଅଭିଯୋଗ ହୋଇଛି । ଜାତୀୟ ମହିଳା ଆୟୋଗର ଅଧକ୍ଷା ଶ୍ରୀମତୀ ବିଜୟା ରାହତକର ଏହି ଘଟଣାକୁ ଗୁରୁତର ଭାବେ ନେଇ ଓଡିଶା ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଏହି ଘଟଣାର ଏକ ନ୍ୟାୟସଙ୍ଗତ, ପାରଦର୍ଶୀ ଏବଂ ସମୟବଦ୍ଧ ତଦନ୍ତ ନିଶ୍ଚିତ କରାଯାଉ । ଆୟୋଗ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି ଯେ ଦୋଷୀଙ୍କ ବିରୁଦ୍ଧରେ କଠୋର ଆଇନଗତ ପଦକ୍ଷେ ଗ୍ରହଣ କରାଯାଉ। ଏହାସହିତ ଆୟୋଗ ପୀଡିତାଙ୍କୁ ଯଥାସମ୍ଭବ ନିଶୁଳ୍କ ଚିକିତ୍ସା ଏବଂ ମାନସିକ ସ୍ୱାସ୍ଥ୍ୟ ସହାୟତା ଉପଲବ୍ଧ କରାଯାଉ ସୁନିଶ୍ଚିତ କରିବାକୁ କହିଛନ୍ତି । ଆୟୋଗ ତିନି ଦିନର ମଧ୍ୟରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ବିସ୍ତୃତ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା, ଛାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ : ଏମ୍ସ ନିର୍ଦ୍ଦେଶକ



ଭୁବନେଶ୍ୱର, ୧୩/୭ (ନି.ପ୍ର): ବାଲେଶ୍ୱର ଏଫଏମ କଲେଜରେ ଛାତ୍ରୀ ଆତ୍ମହୁତି ଘଟଣା । ଭେଂଟିଲେଟରରେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦେଖିବା ପରେ ହସ୍ପିଟାଲ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଛାତ୍ରୀଙ୍କ ଅବସ୍ଥା ଗୁରୁତର ରହିଛି। ଆହୁରି ୪୮ ଘଂଟା ଅବଜରବେଶନ ରହିବେ ଛାତ୍ରୀ। ଶରୀର ବାହ୍ୟ ଅଂଶରୁ ଯେଉଁ କ୍ଷତ ହୋଇଛି ସେଥିରୁ ଜଣାପଡୁଛି ୯୫ ପ୍ରତିଶତ ପୋଡ଼ିଯାଇଛି। ଶରୀରର ଅଧିକାଂଶ ଅଂଶରେ ଡ଼ିପ ବର୍ଣ୍ଣ ହୋଇଛି। ଶ୍ୱାସନଳିର କିଛି ଅଂଶ ମଧ୍ୟ ବିଶେଷ ଭାବରେ ପ୍ରଭାବିତ ହୋଇଛି। କାଲିଠାରୁ ଭେଂଟିଲେଟର ସାହାଯ୍ୟରେ ଛାତ୍ରୀଙ୍କୁ ରଖାଯାଇଛି।

▶▶ପୃଷ୍ଠା ୭

ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ ନବୀନ ପଟ୍ଟନାୟକ

ଭୁବନେଶ୍ୱର, ୧୩/୭ (ନି.ପ୍ର):- ବାଲେଶ୍ୱର ଘଟଣାରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ ନବୀନ ପଟ୍ଟନାୟକ । ବିଶ୍ୱବିଦ୍ୟାଳୟ କୁଳାଧିପତି ଭାବେ ଛାତ୍ରୀ ଜଣଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ଲେଖିଛନ୍ତି ନବୀନ । ପ୍ରିନ୍ସିପାଲଙ୍କଠାରୁ ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ । ବାରମ୍ବାର ଅଭିଯୋଗ ସତ୍ତ୍ୱେ କିପରି ନ୍ୟାୟ ପାଇବାରୁ ବଂଚିତ କରାଗଲା । ମାସ ମାସ ଧରି ସେ ଭୟ ଏବଂ ଯନ୍ତ୍ରଣାରେ ବଂଚି ରହିଥିଲେ । ନିବେଦନ କରି, ସେ ଅନେକ ଉଚ୍ଚ ପଦାଧିକାରୀଙ୍କୁ ଟ୍ୟାଗ୍ କରିଥିଲେ । ଶେଷ ପ୍ରୟାସ ବିଫଳ ହେବାରୁ ପ୍ରିନ୍ସିପାଲଙ୍କ ଚାମ୍ବର ବାହାରେ ଆତ୍ମାହୁତି ଉଦ୍ୟମ କଲେ । ଛାତ୍ରୀଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ସୋସିଆଲ ମିଡିଆରେ କାମନା ନବୀନ ପଟ୍ଟନାୟକ ।

ଉନ୍ନତ ଚିକିତ୍ସା ସହ ଦିଲ୍ଲୀ ଏୟାରଲିଫ୍ଟ କରିବା ନେଇ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ : ପୀଡିତାଙ୍କ ବାପା

ଭୁବନେଶ୍ୱର, ୧୩/୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏମ୍ସ ଯାଇ ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି । । ଚିକିତ୍ସା କେମିତି ଆହୁରି ଉନ୍ନତ ହେବ ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହାସହିତ ଦିଲ୍ଲୀ ଏୟାରଲିଫ୍ଟ କରିବା ନେଇ ମଧ୍ୟ ଆଲୋଚନା ହୋଇଛି ବୋଲି ପୀଡିତାଙ୍କ ବାପା କହିଛନ୍ତି । ଦିଲ୍ଲୀ ଡାକ୍ତରୀ ଟିମ୍ ସହ ଭର୍ଚୁଆଲି ଆଲୋଚନା କରି ଉଚ୍ଚସ୍ତରୀୟ ଚିକିତ୍ସା କରାଯିବ ।

ବାଲେଶ୍ୱରରେ ୩ ଜଣିଆ ଉଚ୍ଚସ୍ତରୀୟ ଟିମ୍‌ର ତଦନ୍ତ ଆରମ୍ଭ

ଭୁବନେଶ୍ୱର, ୧୩/୭ (ନି.ପ୍ର): ଏଫଏମ କଲେଜ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାରେ ତଦନ୍ତ ଆରମ୍ଭ ହୋଇଛି । ବାଲେଶ୍ୱରରେ ୩ ଜଣିଆ ଉଚ୍ଚସ୍ତରୀୟ ଟିମ୍‌ର ତଦନ୍ତ । ଏଫଏମ କଲେଜରେ ପହଂଚି ଆରମ୍ଭ କରିଛନ୍ତି ପଚରାଉଚରା । ନିଲମ୍ବିତ ଅଧକ୍ଷାଙ୍କୁ ତଦନ୍ତ ଟିମ୍ ପଚରାଉଚରା କରିଛି ।

ସୁରକ୍ଷା ମାଗିଲେ ନିଲମ୍ବିତ କଲେଜ ଅଧକ୍ଷ ଦିଲ୍ଲୀପ ଘୋଷ

ଭୁବନେଶ୍ୱର, ୧୩/୭ (ନି.ପ୍ର): ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା । ସୁରକ୍ଷା ମାଗିଲେ ନିଲମ୍ବିତ କଲେଜ ଅଧକ୍ଷ ଦିଲ୍ଲୀପ ଘୋଷ । ଜିଲ୍ଲାପାଳଙ୍କ ନିକଟରେ ସୁରକ୍ଷା ପାଇଁ ନିବେଦନ କରିଛନ୍ତି । ତଦନ୍ତରେ ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଛନ୍ତି ଦିଲ୍ଲୀପ ଘୋଷ । କାଲିଠୁ ମୁଁ ଜିଲ୍ଲାପାଳ ଅଫିସ୍‌ରେ ରିପୋର୍ଟ କରିବି । ବଡ଼ ଘଟଣା, କାହାରି ମନରେ କଣ ଥିବ, ବିପଦ ଅଛି । ଯେହେତୁ ତଦନ୍ତ ଚାଲିଛି, ସେଥିପାଇଁ ସୁରକ୍ଷା ମାଗିଛି ବୋଲି ସେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବୀ କଲା ବିଜେଡି

ଭୁବନେଶ୍ୱର,୧୩/୭ : ବାଲେଶ୍ୱର ସହରରେ ସ୍ଥିତ ଏଫଏମ ଅଟନମୋସ କଲେଜରେ ଛାତ୍ରୀଙ୍କ ଆତ୍ମହୁତି ଉଦ୍ୟମ ଘଟଣା ସମଗ୍ର ରାଜ୍ୟରେ ଚାଂଚ ଲ୍ୟ ଖେଳାଇ ଦେଇଥିବା ବେଳେ ରାଜ୍ୟ ସରକାରଙ୍କ ଭୂମିକା ମଧ ସନ୍ଦେହ ଘେରରେ ରହିଛି। ରାଜ୍ୟ ସରକାର କେବଳ କିଛି କାର୍ଯ୍ୟାନୁଷ୍ଠାନ ନେଇ ଘଟଣାକୁ ରଫା ଦଫା କରିବାକୁ ଅପଚେଷ୍ଟା କରୁଛନ୍ତି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି। ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ଃ ଲେନିନ ମହାନ୍ତି ଏକ ପ୍ରେସ ବିବୃତିରେ କହିଛନ୍ତି, ଛାତ୍ରୀ ଜଣକ ଜଣେ ଅଧ୍ୟାପକଙ୍କ ଦ୍ୱାରା ନିର୍ଯ୍ୟାତିତ ହେଉଥିଲେ ଏବଂ ଅଧ୍ୟାପକ ଜଣକ ତାଙ୍କଠାରୁ ଶାରୀରିକ ଅନୁଗ୍ରହ ଚାହୁଁଥିଲେ ବୋଲି ଅଧକ୍ଷାଙ୍କ ପାଖରେ ଲିଖିତ ଅଭିଯୋଗ କରିଥିଲେ। ଏହା ବ୍ୟତୀତ, ଜୁଲାଇ ୧ ତାରିଖ ଦିନ ସେ ସାମାଜିକ ଗଣମାଧ୍ୟମ 'ଏକ୍ସ' ରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୁରଜ ସୂର୍ଯ୍ୟବଂଶୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଙ୍କ ଅଭିଯୋଗ ବିଷୟରେ ଅବଗତ କରିବା ସହିତ ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଏମାନଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। କିନ୍ତୁ, ଗତ କାଲି ସେ ଆତ୍ମହୁତି ଭଳି ଚରମ ପଦକ୍ଷେପ ନେବା ପର୍ଯ୍ୟନ୍ତ, କୌଣସି ଉତ୍ତର ପାଇ ନଥିଲେ। ଦୁଃଖ ଓ ପରିତାପର ବିଷୟ ପୀଡ଼ିତାଙ୍କ ଅଭିଯୋଗକୁ ଅଣଦେଖା କରି ଆସୁଥିବା ରାଜ୍ୟ ସରକାର, ଆତ୍ମହୁତି ଭଳି ଏକ ଦୁଃଖଦ ଘଟଣା ଘଟିଗଲା ପରେ ହଠାତ ତତ୍ପର ହୋଇ ଉଠିଛନ୍ତି। ସମ୍ପୃକ୍ତ ଅଧ୍ୟାପକଙ୍କୁ ଗିରଫ କରିବା ସହିତ ଅଧକ୍ଷାଙ୍କୁ ନିଲମ୍ବିତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ବୋଲି ଦାବୀ କରୁଛନ୍ତି। ଏଠାରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଯେ, ରାଜ୍ୟର ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ କେଉଁ କାରଣରୁ

▶▶ପୃଷ୍ଠା ୭

ଆସନ୍ତା କାଲି ବାଲେଶ୍ୱର ଗସ୍ତ କରିବ ପିସିସି ଅନୁଧାନ କମିଟି

ଭୁବନେଶ୍ୱର,୧୩/୭ : ଫକୀରମୋହନ ସଂୟଶାସିତ ମହାବିଦ୍ୟାଳୟ (ବାଲେଶ୍ୱର)ର ଇଂଟିଗ୍ରେଟେଡ ବିଏଡ୍ ଦ୍ୱିତୀୟ ବର୍ଷ ଛାତ୍ରୀ ସୁଶ୍ରୀସୌମ୍ୟାଶ୍ରୀ ବିଶି ଉକ୍ତ ମହାବିଦ୍ୟାଳୟର ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତିତା ହୋଇ ମହାବିଦ୍ୟାଳୟର ଅଧକ୍ଷ, ସ୍ଥାନୀୟ ଥାନା ପ୍ରମୁଖଙ୍କ ପାଖରେ ନ୍ୟାୟ ଭିକ୍ଷା କରିବା ପରେ ନ୍ୟାୟ ନପାଇ ଶେଷରେ ଅଧକ୍ଷାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମହୁତି ଉଦ୍ୟମ ଘଟଣାର ଅନୁଧାନ ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିର୍ଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ନିମ୍ନମତେ ଏକ ତଥ୍ୟ ଅନୁଧାନ କମିଟି ଗଠନ କରିଛନ୍ତି। ତଥ୍ୟ ଅନୁଧାନ କମିଟିରେ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ଅଧକ୍ଷ ରହିଥିବା ବେଳେ ନାରୀ ନ୍ୟାୟବାହିନୀର ଆବହକ ପ୍ରଫେସର ଗାୟତ୍ରୀ ବିଶ୍ୱାଳ,

▶▶ପୃଷ୍ଠା ୭

ରାଷ୍ଟ୍ରପତିଙ୍କ ଦ୍ୱାରା ଉଜ୍ଜ୍ୱଳ ନିକମଙ୍କ ସହିତ ୪ ସଦସ୍ୟ ରାଜ୍ୟସଭା ପାଇଁ ମନୋନୀତ



ନୂଆଦିଲ୍ଲୀ, ୧୩ ଜୁଲାଇ (ହି.ସ)- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟସଭା ପାଇଁ ଚାରିଜଣ ନୂଆ ସଦସ୍ୟ — ଉଜ୍ଜ୍ୱଳ ଦେବରାଓ ନିକମ୍, ସି. ସଦାନନ୍ଦନ୍ ମାଷ୍ଟେ, ହର୍ଷବର୍ଧନ ଶ୍ରିଙ୍ଗଲା ଏବଂ ମୀନାକ୍ଷୀ ଜୈନଙ୍କୁ ନିଯୁକ୍ତ କରିଛନ୍ତି।

ଗୃହ ମନ୍ତ୍ରାଳୟ ଦ୍ୱାରା ଜାରି ଏକ ଅଧିସୂଚନା ଅନୁଯାୟୀ, ଭାରତୀୟ ସଂବିଧାନର ଅନୁଚ୍ଛେଦ ୮୦ର ଉପଧାରା (୧) ର ଉପଖଣ୍ଡ (କ) ଦ୍ୱାରା ପ୍ରଦତ୍ତ ଶକ୍ତି ବ୍ୟବହାର କରି ଓ ଉକ୍ତ ଅନୁଚ୍ଛେଦର ଉପଧାରା (୩) ସହ ପଠିତ ହୋଇ, ରାଷ୍ଟ୍ରପତି ନାମିତ ସଦସ୍ୟମାନଙ୍କର ସେବାନିବୃତ୍ତି ହେବାରୁ ସୃଷ୍ଟି ହୋଇଥିବା ଖାଲି ସ୍ଥାନରେ ଉଜ୍ଜ୍ୱଳ ଦେବରାଓ ନିକମ୍, ସି. ସଦାନନ୍ଦନ୍ ମାଷ୍ଟ୍, ହର୍ଷବର୍ଧନ ଶ୍ରିଙ୍ଗଲା ଏବଂ ଡ଼ା. ମୀନାକ୍ଷୀ ଜୈନଙ୍କୁ ରାଜ୍ୟସଭାରେ ନାମିତ କରିଛନ୍ତି। ନାମିତ ସଦସ୍ୟମାନଙ୍କ ମଧ୍ୟରେ ଉଜ୍ଜ୍ୱଳ ଦେବରାଓ ନିକମ୍ ଜଣେ ଜଣାଶୁଣା ଅଧିବକ୍ତା, ଯିଏ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ଜୀବିତ ଧରା ପଡ଼ିଥିବା ପାକିସ୍ତାନୀ ଆତଙ୍କବାଦୀ ଅଜମଲ କସାବକୁ ଫାସି ପର୍ଯ୍ୟନ୍ତ ନେବାରେ ମୁଖ୍ୟ ଭୂମିକା ନିଭାଇଥିଲେ।

ସି. ସଦାନନ୍ଦନ୍ ମାଷ୍ଟର୍ କେରଳର ବରିଷ୍ଠ ସାମାଜିକ କର୍ମୀ ଏବଂ ଶିକ୍ଷାବିଦ୍। ହର୍ଷବର୍ଧନ ଶ୍ରିଙ୍ଗଲା ଭାରତର ପୂର୍ବତନ ବିଦେଶ ସଚିବ। ମୀନାକ୍ଷୀ ଜୈନ୍ ଜଣେ ପ୍ରସିଦ୍ଧ ଇତିହାସବିତ୍ ଓ ଶିକ୍ଷାବିତ୍। ଏହି ନାମାଙ୍କନଗୁଡ଼ିକ ପୂର୍ବରୁ ନାମିତ ହୋଇଥିବା ସଦସ୍ୟମାନଙ୍କ ସେବାନିବୃତ୍ତି ପରେ ଖାଲି ହୋଇଥିବା ଆସନଗୁଡ଼ିକୁ ଧ୍ୟାନରେ ରଖି କରାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟସଭାକୁ ମନୋନୀତ ଚାରି ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସେମାନଙ୍କର ସଫଳତା ଏବଂ ଅବଦାନ ଉଲ୍ଲେଖ କରି ଅଭିନନ୍ଦନ ଜଣାଇଛନ୍ତି। ଏହି ସୂଚନା ପ୍ରଧାନମନ୍ତ୍ରୀ ତାଙ୍କ ସରକାରୀ ଏକ୍ସ ହ୍ୟାଣ୍ଡେଲରେ ସେୟାର କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଅଧିବକ୍ତା ଉଜ୍ଜ୍ୱଳ ନିକମଙ୍କ

▶▶ପୃଷ୍ଠା ୭

ଓଡ଼ିଶାରେ ବଜ୍ରପାତର ତାଣ୍ଡବ: ୩ ଜିଲ୍ଲାରେ ୩ ମୃତ

ଭୁବନେଶ୍ୱର,୧୩।୭: ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରାଘାତ ଯୋଗୁଁ ୩ ଜଣଙ୍କ ମୃତ୍ୟୁ ଘଟିଥିବା ଖବର ମିଳିଛି। ସମ୍ବଲପୁର, ଯାଜପୁର ଓ ଭଦ୍ରକ ଜିଲାରେ ଏକ ଏକ ଦୁର୍ଘଟଣାରେ ଜଣେ ଲେଖାଏଁ ବ୍ୟକ୍ତିଙ୍କ ଜୀବନ ହରାଇଥିବା ଜଣାପଡ଼ିଛି। ସମ୍ବଲପୁର ଜିଲାର କୁଚିଣ୍ଡା ଅଞ୍ଚଳରେ ଜଣେ ବ୍ୟକ୍ତି ବର୍ଷା ସମୟରେ ଗଛ ତଳେ ଆଶ୍ରୟ ନେଉଥିବା ବେଳେ ବଜ୍ରାଘାତରେ ତାଙ୍କର ମୃତ୍ୟୁ ହୋଇଛି। ସେହିପରି ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ଗାଁରେ ଜଣେ ବ୍ୟକ୍ତି ବିଲରେ କାମ କରୁଥିବା ସମୟରେ ବଜ୍ରାଘାତରେ ପ୍ରାଣ ହରାଇଛନ୍ତି। ଅନ୍ୟପଟେ, ଭଦ୍ରକ ଜିଲ୍ଲାର କୋଡ଼ବରୁଆଁ ଅଞ୍ଚଳରେ ଜଣେ ଯୁବତୀ ବଗିଚାକୁ ଯାଉଥିବା ବେଳେ ବଜ୍ରାଘାତ ଯୋଗୁଁ ମୃତ୍ୟୁବରଣ କରିଛନ୍ତି। ଏହି ଦୁଃଖଦ ଘଟଣାଗୁଡ଼ିକ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ସୃଷ୍ଟି କରିଛି। ପାଣିପାଗ ବିଭାଗ ପକ୍ଷରୁ ରାଜ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷାର ପୂର୍ବାନୁମାନ ଜାରି କରାଯାଇଥିବା ବେଳେ ସାଧାରଣ ଜନତାଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଛି। ବିଶେଷକରି ଖୋଲା ଜାଗା, ଗଛ ତଳେ କିମ୍ବା ବିଲ ପାଖରେ ଆଶ୍ରୟ ନନେବାକୁ କୁହାଯାଇଛି।

ତାମିଲନାଡୁ- ମାଲଗାଡିରେ ଲାଗିଥିବା ଭୀଷଣ ନିଆଁକୁ ନିୟନ୍ତ୍ରଣ : ଚେନ୍ନାଇ-ଅରକ୍କୋଣମ ରେଳମାର୍ଗରେ ସେବା ଠପ୍



ଚେନ୍ନାଇ, ୧୩/୭ (ନି.ପ୍ର): ତମିଲନାଡୁର ତିରୁଭଲ୍ଲୁର ନିକଟରେ ରବିବାର ସକାଳେ ଏକ ମାଲବାହୀ ଟ୍ରେନ୍‌ରେ ଭୟାମୟ ନିଆଁ ଲାଗିଛି, ଯାହାକୁ ଅଗ୍ନିଶମ କର୍ମଚାରୀମାନଙ୍କ ବ୍ୟାପକ ପ୍ରୟାସ ପରେ ପ୍ରାୟ ଦୁଇ ଘଂଟା ପରେ ନିୟନ୍ତ୍ରଣ କରିଛନ୍ତି। ଏହି ଦୁଘଟଣା କାରଣରୁ ଚେନ୍ନାଇ-ଅରକ୍କୋଣମ ରେଳମାର୍ଗରେ ସମସ୍ତ ସେବା ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ବିପଦକୁ ଦେଖି ଆଖପାଖର ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣାରେ କୌଣସି ଜନହାନି ହୋଇନାହିଁ। ▶▶ପୃଷ୍ଠା ୭

ବଙ୍ଗୋପସାଗରରେ ଦୁଇଟି ଲଘୁଚାପ: ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୩।୭: ଉତ୍ତର ବଙ୍ଗୋପସାଗର ଓ ମଧ୍ୟପ୍ରଦେଶରେ ଦୁଇଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବା ନେଇ ଭାରତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହାର ପ୍ରଭାବରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ ଓ ବାଂଲାଦେଶରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ରବିବାର ସନ୍ଧ୍ୟା ସମୟରେ ଉତ୍ତର ବଙ୍ଗୋପସାଗରର ପୂର୍ବ ଭାଗରେ ବାଂଲାଦେଶ, ପଶ୍ଚିମବଙ୍ଗ ଏବଂ ଉତ୍ତର ଓଡ଼ିଶା ଉପକୂଳ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଆଗାମୀ କିଛି ଘଣ୍ଟା ମଧ୍ୟରେ ଆହୁରି ଘନୀଭୂତ ହୋଇ ସ୍ପଷ୍ଟ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ପଶ୍ଚିମବଙ୍ଗ ଆଡ଼କୁ ଗତି କରିପାରେ, ଯାହା ଫଳରେ ଉତ୍ତର ଓ ଉପକୂଳ ଓଡ଼ିଶାରେ ଆସନ୍ତାକାଲି ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହା ପରବର୍ତ୍ତୀ ସମୟରେ ପଶ୍ଚିମ ଓଡ଼ିଶାରେ ମଧ୍ୟ ବର୍ଷାର ବିସ୍ତୃତି ବୃଦ୍ଧି କରିପାରେ। ସେହିପରି, ଉତ୍ତର-ପଶ୍ଚିମ ମଧ୍ୟପ୍ରଦେଶ ଓ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅନ୍ୟ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହି ଲଘୁଚାପ କ୍ଷେତ୍ରଗୁଡ଼ିକ ଯୋଗୁଁ ଆଗାମୀ ୪-୫ ଦିନ ଯାଏଁ ଓଡ଼ିଶାର ଉତ୍ତର, ଉପକୂଳୀୟ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ବର୍ଷା ଜାରି ରହିବ। ଏହା ସହ ଉପକୂଳ ଅଞ୍ଚଳରେ ଝୋଡ଼ୋ ପବନ ବୋହିବାର ମଧ୍ୟ ସମ୍ଭାବନା ରହିଛି। ପାଣିପାଗ ବିଭାଗ ସାଧାରଣ ଜନତାଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦେଇଛି ଏବଂ ନିମ୍ନାଞ୍ଚଳରେ ଜଳବନ୍ଦୀ ଆଶଙ୍କା ପ୍ରକାଶ କରିଛି।

ଯାତ୍ରୀ ସୁରକ୍ଷାରେ ସୁଧାର ପାଇଁ ରେଳ ବଗିରେ ଲାଗିବ ସିସିଟିଭି କ୍ୟାମେରା

ନୂଆଦିଲ୍ଲୀ,, ୧୩/୭ : ସବୁଟ୍ରେନ୍ ବଗିରେ ସିସିଟିଭି କ୍ୟାମେରା ଲଗାଇବାକୁ ରେଳବାଇ ନିଷ୍ପତ୍ତିନେଇଛି । ପରୀକ୍ଷାମୂଳକ ଭାବରେ ଯାତ୍ରୀବାହୀ ଟ୍ରେନ ବଗିରେ ସିସିଟିଭି କ୍ୟାମେରା ସ୍ଥାପନର ସକାରାତ୍ମକ ଫଳାଫଳକୁ ଆଧାର କରି ଏହି ନିଷ୍ପତ୍ତି ନିଆଯାଇଛି । ଏହି ପଦକ୍ଷେପ ଯାତ୍ରୀଙ୍କ ସୁରକ୍ଷାରେ ଉଲ୍ଲେଖନୀୟ ଉନ୍ନତି ଆଣିବ।

ଭୁବନେଶ୍ୱର ଏମସ୍‌ରେ ଆରମ୍ଭ ହେଲା ଓଡ଼ିଶା ସୋସାଇଟି ଅଫ୍ କାର୍ଡିଓଥୋରାସିକ୍ ଆଣ୍ଡ ଭାସ୍କୁଲାର ସର୍ଜରୀର ପ୍ରଥମ ବାର୍ଷିକ ସମ୍ମିଳନୀ



ଭୁବନେଶ୍ୱର, ୧୩/୦୭ (ନି.ପ୍ର): ଭୁବନେଶ୍ୱର ଏମସ୍ ନିଜର ମିନି ଅଡିଟୋରିୟମରେ ଜୁଲାଇ ୧୨ ରୁ ୧୪ ପର୍ଯ୍ୟନ୍ତ ଆୟୋଜିତ କରୁଛି 'ଓଡ଼ିଶା ସୋସାଇଟି ଅଫ୍ କାର୍ଡିଓଥୋରାସିକ୍ ଆଣ୍ଡ ଭାସ୍କୁଲାର ସର୍ଜରୀର ପ୍ରଥମ ବାର୍ଷିକ ସମ୍ମିଳନୀ । ଏହି କାର୍ଯ୍ୟକ୍ରମରେ ୨୦୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଛନ୍ତି ଯେଉଁଥିରେ କାର୍ଡିଆକ୍ ସର୍ଜନ, କାର୍ଡିଆକ୍, ଆ।ନ।ସ୍ଥେସି ଓଲେ।ର୍ଜିଷ୍ଟ, ପରଫ୍ୟୁଜନିଷ୍ଟ ଏବଂ କାର୍ଡିଆକ୍ ନର୍ସ ସାମିଲ ଅଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଛନ୍ତି ଏମସ୍, ଭୁବନେଶ୍ୱରର ନିର୍ଦ୍ଦେଶକ ଡକ୍ଟର ଆଶୁତୋଷ ବିଶ୍ୱାସ। ସଂଗଠନ ସଚିବ ଡକ୍ଟର ସିଦ୍ଧାର୍ଥ ସାଥିଆ କହିଥିଲେ ଯେ ଏମସ୍, ଭୁବନେଶ୍ୱର ପାଇଁ ଏହି ପ୍ରଥମ ରାଜ୍ୟ ସମ୍ମିଳନୀ ଆୟୋଜନ କରିବା ଏକ ଗର୍ବର ମୁହୂର୍ତ୍ତ ଏବଂ ରାଜ୍ୟରେ କାର୍ଡିଆକ୍ ସର୍ଜରୀ କ୍ଷେତ୍ରରେ ଓଡ଼ିଶା କେତେଦୂର ଆଗେଇଛି ଏବଂ ରାଜ୍ୟରେ କାର୍ଡିଆକ୍ ସର୍ଜରୀ ବା ହୃଦ୍ ଅସ୍ତ୍ରୋପୋଚାର ଉପରେ ଆଲୋକପାତ କରିଥିଲେ। ଏହି ସମ୍ମିଳନୀର ମୂଳ ଲକ୍ଷ୍ୟ ଥିଲା 'ମିନିମଲି ଇନଭେସିଭ୍ ହାର୍ଟ ସର୍ଜରୀ' ସହିତ ହାର୍ଟ ଏବଂ ଫୁସଫୁସ କ୍ଷେତ୍ରରେ ପ୍ରଗତି ଦ୍ୱାରା ଲୋକମାନେ କିପରି ଉପକୃତ ହେଉଛନ୍ତି ତାହା ଉପରେ ଆଲୋକପାତ କରିଥିଲେ। ଏହି ସମ୍ମିଳନୀର ମୂଳ ଲକ୍ଷ୍ୟ ଥିଲା 'ମିନିମଲି ଇନଭେସିଭ୍ ହାର୍ଟ ସର୍ଜରୀ' ସହିତ ହାର୍ଟ ଏବଂ ଫୁସଫୁସ ଟ୍ରାନ୍ସପ୍ଲାଣ୍ଟ ସର୍ଜରୀ ଏବଂ ପେଡିଆଟ୍ରିକ୍ କାର୍ଡିଆକ୍ ସର୍ଜରୀ କ୍ଷେତ୍ରରେ ସ୍ୱାସ୍ଥ୍ୟ ସେବାକୁ ପରବର୍ତ୍ତୀ ସ୍ତରକୁ ନେବା, ଯାହା ଦ୍ୱାରା ଆମ ରାଜ୍ୟବାସୀଙ୍କୁ ହୃଦ୍ ଅସ୍ତ୍ରୋପଚାର ପାଇଁ ରାଜ୍ୟ ବାହାରକୁ ଯିବାକୁ ପଡିବ ନାହିଁ ।

ପ୍ରଧାନମନ୍ତ୍ରୀଙ୍କ ନିଯୁକ୍ତି ମେଳାରେ ୫୧ ହଜାରରୁ ଉର୍ଦ୍ଧ୍ୱ ଯୁବକ ଯୁବତୀଙ୍କୁ ନିଯୁକ୍ତି ପତ୍ର ବଂଟନ

ସମ୍ବଲପୁର, ୧୩/୦୭ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରୋଜଗାର ମେଳାରେ ଉଦବୋଧନ ଦେଇଥିଲେ ଏବଂ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଭିନ୍ନ ସରକାରୀ ବିଭାଗ ଏବଂ ସଂଗଠନରେ ନବନିଯୁକ୍ତ ଯୁବକ ଯୁବତୀମାନଙ୍କୁ ୫୧ ହଜାରରୁ ଉର୍ଦ୍ଧ୍ୱ ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି । ଏହି ସମାବେଶକୁ ସମ୍ବୋଧିତ କରି ସେ ଗୁରୁତ୍ୱାରୋପ କରିଥିଲେ ଯେ ଆଜି ଭାରତ ସରକାରଙ୍କ ବିଭିନ୍ନ ବିଭାଗରେ ଏହି ଯୁବକ ଯୁବତୀମାନଙ୍କ ପାଇଁ ନୂତନ ଦାୟିତ୍ୱର ଆରମ୍ଭ । ସେ ବିଭିନ୍ନ ବିଭାଗରେ ସେବା ଆରମ୍ଭ କରିବା ପାଇଁ ଯୁବ ବ୍ୟକ୍ତିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ, ବିଭିନ୍ନ ଭୂମିକା ସତ୍ତ୍ୱେ, ସେମାନଙ୍କର ସାଧାରଣ ଲକ୍ଷ୍ୟ ହେଉଛି 'ନାଗରିକ ପ୍ରଥମ' ନୀତି ଦ୍ୱାରା ପରିଚାଳିତ ଜାତୀୟ ସେବା । ପ୍ରଧାନମନ୍ତ୍ରୀ ଭାରତର ଜନସଂଖ୍ୟାଗତ ଏବଂ ଗଣତାନ୍ତ୍ରିକ ଭିତିଭୂମିର ଅତୁଳନୀୟ ଶକ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ' ବିଶ୍ୱର ସର୍ବବୃହତ ଯୁବ ଜନସଂଖ୍ୟା ଏବଂ ସର୍ବବୃହତ ଗଣତନ୍ତ୍ର ସହିତ ଭାରତ ଘରୋଇ ଏବଂ ବିଶ୍ୱ ସ୍ତରରେ ଭବିଷ୍ୟତକୁ ଗଢ଼ି ତୋଳିବାର ଅନନ୍ୟ ସମ୍ଭାବନା ରଖିଛି । ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଏହି ବିଶାଳ ଯୁବ ଶକ୍ତି ହେଉଛି ଭାରତର ସର୍ବଶ୍ରେଷ୍ଠ ପୁଞ୍ଜି, ଏବଂ ସରକାର ଏହି ପୁଞ୍ଜିକୁ ରାଷ୍ଟ୍ରର ଦୀର୍ଘକାଳୀନ ସମୃଦ୍ଧି ପାଇଁ ସୁବିନିଯୋଗ କରିବାପାଇଁ ନିରନ୍ତର ପ୍ରୟାସରତ । ବିଶ୍ୱର ସର୍ବବୃହତ ଲୋକୋମୋଟିଭ୍ ଉତ୍ପାଦକ ଭାବରେ ଭାରତର ଉଦୟ ଏବଂ ଲୋକୋମୋଟିଭ୍, ରେଳ କୋଚ୍ ଏବଂ ମେଟ୍ରୋ କୋଚ୍ କ୍ଷେତ୍ରରେ ଦେଶର ଦୃଢ଼ ରପ୍ତାନି ପ୍ରଦର୍ଶନକୁ ସେ ପ୍ରଶଂସା କରିଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ, ଅଟୋମୋବାଇଲ୍ କ୍ଷେତ୍ର ମାତ୍ର ପାଂଚ ବର୍ଷ ମଧ୍ୟରେ ୪୦ ବିଲିୟନ ଡଲାରର ଏଫଡିଆଇ ଆକର୍ଷିତ କରିଛି, ଯାହା ଫଳରେ ନୂତନ କାରଖାନା, ନୂତନ ନିଯୁକ୍ତି ସୁଯୋଗ ଏବଂ ରେକର୍ଡ ଯାନବାହାନ ବିକ୍ରୟ ସୃଷ୍ଟି ହୋଇଛି । ପ୍ରଧାନମନ୍ତ୍ରୀ ପ୍ରତ୍ୟେକ ନାଗରିକଙ୍କୁ ଦେବତା ଭାବରେ ବ୍ୟବହାର କରିବାର 'ନାଗରିକ ଦେବୋ ଭବ' ର ମାର୍ଗଦର୍ଶୀ ନୀତିକୁ ଆହ୍ୱାନ କରିଥିଲେ ଏବଂ ନୂତନ ନିଯୁକ୍ତିପ୍ରାପ୍ତ ବ୍ୟକ୍ତିମାନଙ୍କୁ ସାର୍ବଜନୀନ ସେବାରେ ଏକ ଉଜ୍ଜ୍ୱଳ ଏବଂ ଅର୍ଥପୂର୍ଣ୍ଣ ଭବିଷ୍ୟତ ପାଇଁ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଇଥିଲେ । ପ୍ରଧାନମନ୍ତ୍ରୀଙ୍କ ନିଯୁକ୍ତି ସୃଷ୍ଟିକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ପ୍ରତିବଦ୍ଧତା ଅନୁଯାୟୀ, ଆଜି ଦେଶର ୪୭ ଟି ସ୍ଥାନରେ ୧୬ ତମ ରୋଜଗାର ମେଳା ଅନୁଷ୍ଠିତ ହୋଇଛି । ଯୁବପିଢ଼ିଙ୍କୁ ସେମାନଙ୍କ ସଶକ୍ତିକରଣ ଏବଂ ରାଷ୍ଟ୍ର ନିର୍ମାଣରେ ଅଂଶଗ୍ରହଣ ପାଇଁ ଅର୍ଥପୂର୍ଣ୍ଣ ସୁଯୋଗ ପ୍ରଦାନ କରିବାରେ ରୋଜଗାର ମେଳା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ସାରା ଦେଶରେ ରୋଜଗାର ମେଳା ମାଧ୍ୟମରେ ଏପର ?୍ୟନ୍ତ ୧୦ ଲକ୍ଷରୁ ଅଧିକ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି । ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ଅନୁଷ୍ଠିତ ଷୋଡ଼ଶ ରୋଜଗାର ମେଳାରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଯୋଗ ଦେଇଥିଲେ । ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ସି ଚୌଧରୀଙ୍କ ସହିତ ଡାକ, ସିଏପିଏଫ, ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟର ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ଏକ ପେଡ ମା' କେ ନାମ ଅଭିଯାନ

ଜୟପୁର, ୧୨ ଜୁଲାଇ (ହି.ସ.) - ବୃକ୍ଷରୋପଣ ସପ୍ତାହ ପାଳନ ଅବସରରେ ବିଦ୍ୟାଳୟ ସ୍ତରୀୟ 'ଏକ ପେଡ ମାଆ କେ ନାମ' କାର୍ଯ୍ୟକ୍ରମରେ ଜୟପୁର ବ୍ଲକ ଗମ୍ଭେଟ ୟୁପିଏସ ଆଂଚଳିକ ସାଧନକେନ୍ଦ୍ରରେ ତା- ୯-୭-୧୦୨୫ ରିଖଠାରୁ ଅବ୍ୟାହତ ବୃକ୍ଷରୋପଣ କାର ?୍ୟ ଚାଲୁରହିଛି । ଏହି କାର୍ଯ୍ୟକ୍ରମଟି ଜୟପୁର ଗୋଷ୍ଠୀଶିକ୍ଷା ଅଧିକାରୀ ଚନ୍ଦନ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ସିଆରସିସି ବିଜୟଲକ୍ଷ୍ମୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପ୍ରାଥମିକ ବିଦ୍ୟାଳୟ ହାନାଗୁଡା, ଗଡ଼ିଆ ଧୋବାସାହି, ପାୱାର ହାଉସ କଲୋନୀ, ସାନ୍ତରା ସାହି, ଏକ୍ସବୋର୍ଡ଼ ମହମ୍ମଦନ, ସାରସ୍ୱତ ବାଳ ମନ୍ଦିର, ଜୟନଗର ଆଶ୍ରମ ବିଦ୍ୟାଳୟ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜୟନଗର, ପାଇକସାହି, ଗମ୍ଭେଟ ୟୁପିଏସ, ସୁନାରିସାହି ସହିତ ଜଗଦିଶ ଚନ୍ଦ୍ର ନାୟକ ଉଚ୍ଚ ବିଦ୍ୟାଳୟ, ପୌରପାଳିକା ବାଳିକା ଉଚ୍ଚ ବିଦ୍ୟାଳୟରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ପାଚିକା ଏବଂ କିଛି ଅଭିଭାବିକଙ୍କୁ ନେଇ କିଚେନ ଗାର୍ଡେନ ବୃକ୍ଷ, ଔଷଧୀୟ ବୃକ୍ଷ, ଏବଂ ଫୁଲ - ପତ୍ର ବୃକ୍ଷ ରୋପଣ କରି ସଫଳତା ହାସଲ କରିଛି । ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ବୃକ୍ଷରୋପଣର ଉପକାରୀତା ବୁଝାଇବା ସହିତ ବୃକ୍ଷର ଯତ୍ନେବା ବିଷୟରେ ସଚେତନ କରାଯାଇଅଛି । ଛାତ୍ରଛାତ୍ରୀମାନେ ଗୀତଗାଇ, ସ୍ଲୋଗାନ ଦେଇ ଏହି କାର୍ଯ୍ୟକ୍ରମଟିକୁ ଉପଭୋଗ୍ୟ କରାଇଛନ୍ତି । ଏହି କାର ?୍ୟକ୍ରମ ଆସନ୍ତା ପନ୍ଦର ତାରିଖ ଯାଏଁ ଅବ୍ୟାହତ ରହିବ ।

ଦୁର୍ଦ୍ଦଶା ବଢାଇଛି ୪୨ ନମ୍ବର ରାଜ୍ୟ ରାଜପଥ ତଥା ସିନ୍ଧେକେଲା - ଚାନ୍ଦୋତରା ମୁଖ୍ୟ ରାସ୍ତା

ବଲାଙ୍ଗିର, ୧୩/୦୭ (ନି.ପ୍ର): ଜିଲ୍ଲା ମୁଖ୍ୟାଳୟରୁ ପାଟଣାଗଡ଼, ବେଲପଡା, କଣ୍ଟାବାଞ୍ଜି, ବଙ୍ଗୋମୁଣ୍ଡା , ସିନ୍ଧେକେଲା ଦେଇ ଚାନ୍ଦୋତରା ପର୍ଯ୍ୟନ୍ତ ଲୟିଛି ୪୨ ନମ୍ବର ରାଜ୍ୟ ରାଜପଥ । ଆଉ ଚାନ୍ଦୋତରା ଚାରି ଛକ ପର୍ଯ୍ୟନ୍ତ ପହଞ୍ଚିବାପରେ ସଂଯୋଗ ହୋଇଛି ଭବାନୀପାଟଣା - ରାଇପୁରକୁ ଯାଇଥିବା ୧୯ ନମ୍ବର ରାଜ୍ୟ ରାଜପଥରେ । ଏହାସହ ଚାନ୍ଦୋତରା ଚାରିଛକ ଥିବାରୁ ଚାରି ପଟରୁ ପ୍ରତିଦିନ ଶହ ଶହ ଯାନବାହନ ଚଳାଚଳ କରିଥାଏ । କିନ୍ତୁ ଠିକ୍ ୧୯ ନମ୍ବର ରାଜ୍ୟ ରାଜପଥରୁ ୪୨ ନମ୍ବର ରାଜ୍ୟ ରାଜପଥ କୁ ସଂଯୋଗ କରୁଥିବା ସ୍ଥାନରେ ଅସରାଏ ବର୍ଷା ହେଲେ ପାଣି ଜମି ରହୁଛି । ସିନ୍ଧେକେଲା ବସଷ୍ଟାଣ୍ଡ ନିକଟ ତପନ ଜୈନ ଙ୍କ ଘର ସାମନାରେ ରାସ୍ତାରେ ପ୍ରାୟ ଆଣ୍ଠୁଏ ଖାଲ ହୋଇ ପଡିଛି । ସେହିପରି ଭାବେ ସିନ୍ଧେକେଲା ମୁଖ୍ୟ ରାସ୍ତା ଦେଇ ଚାନ୍ଦୋତରା ପର୍ଯ୍ୟନ୍ତ ସଂଯୋଗ ହେଉଥିବା ରାସ୍ତା ବିଶେଷ କରି ପ୍ରାଣୀ ଧନ ଚିକିତ୍ସାଳୟ ଠାରୁ ଉନ୍ଦେର ନଦୀ ବ୍ରିଜ ପର୍ଯ୍ୟନ୍ତ ରାସ୍ତା ଅତି ଶୋଚନୀୟ ହୋଇପଡ଼ିଥିବାରୁ ଯାତାୟାତ କାରି ତ୍ରାହି ତ୍ରାହି ଡାକୁଛନ୍ତି । ଏବଂ କହୁଛନ୍ତି ଏ ୪୨ ନମ୍ବର ରାଜ୍ୟ ରାଜପଥ ରାସ୍ତା ଉପରେ ଖାଲ ନା ଖାଲ ଉପରେ ରାସ୍ତା । ବିଟ୍ ରାସ୍ତାରେ ଜମ ଜଗିଛି ପାଣି ବିଭାଗ ନିଦାବିଷ୍ଟ କାହିଁକି । ଏହାକୁ ନେଇ ବିଭାଗୀୟ ଯନ୍ତ୍ରୀ ଙ୍କୁ ପଚାରିବାରୁ ସେ ପାଟଣାଗଡ଼ରୁ ଚାନ୍ଦୋତରା ପର୍ଯ୍ୟନ୍ତ ରାସ୍ତାକାମ ପାଇଁ ଟେଣ୍ଡର ପ୍ରକ୍ରିୟା ଚାଳିଛି ହେଲେ ପ୍ରକ୍ରିୟା ସରିବା ପରେ କାମ ଆରମ୍ଭ ହେବ । ତେବେ ବିଭାଗୀୟ ଯନ୍ତ୍ରୀ ଏହି ପ୍ରକ୍ରିୟା ବିଳମ୍ବ ହୋଇପାରେ ତେଣୁ ବର୍ତ୍ତମାନ ସମୟରେ କ'ଣ ବ୍ୟବସ୍ଥା ରହିଛି ପଚାରିବାରୁ। ବିଭାଗୀୟ ଯନ୍ତ୍ରୀ ରିପ୍ୟାରିଙ୍ଗ କରିଦେବୁ ବୋଲି କହିଥିଲେ । ତେବେ ରାସ୍ତାର ସ୍ଥିତି ଅନୁଧ୍ୟାନ କରି ଟେଣ୍ଡର ପ୍ରକ୍ରିୟା ତ୍ୱରାନ୍ୱିତ କରାଗଲେ ଏ ରାସ୍ତା ଦେଇ ଯାତାୟତ କରୁଥିବା ଲୋକେ ଆସନ୍ନ ଆକସ୍ମିକ ଅଜଣା ମୃତ୍ୟୁ ମୁଖରୁ ରକ୍ଷା ପାଇପାରିବେ । ତେଣୁ ବିଭାଗୀୟ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନ ତତ୍ପରତାର ସହିତ ରାସ୍ତା ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ କରିବାକୁ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

ଅବଧି ସମୟ ପରେ ଧର୍ମଶାଳା - ବୁଦ୍ଧଛକ ରାସ୍ତା ଅଧପନ୍ତରିଆ : ତେଜୁଛି ଜନଅସନ୍ତୋଷ

ଧର୍ମଶାଳା, ୧୩/୦୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ଏବେ ରାସ୍ତା ନିର୍ମାଣ ଓ ସଂସ୍ତ୍ରସାରଣରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଅଭିଯୋଗ ହୋଇଛି । ବ୍ଲକର ଜାରକାସ୍ଥିତ ୧୬ ନଂ ଜାତୀୟ ରାଜପଥର ବୁଦ୍ଧଛକଠାରୁ ଧର୍ମଶାଳା ବଜାର ଦେଇ ବ୍ରାହ୍ମଣୀ ନଦୀବନ୍ଧ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ ନିମନ୍ତେ ଦୀର୍ଘ ଦିନ ହେବ କାମ ଆରମ୍ଭ ହୋଇଥିଲେ ମଧ୍ୟ ଏହା କେବେ ଶେଷ ହେବ ତହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅବଧି ଶେଷ ହୋଇ ଯାଇଥିଲେ ବି ଦିନ ପରେ ଦିନ ଓ ବର୍ଷ ପରେ ବର୍ଷ ବିତୁଛି କିନ୍ତୁ ରାସ୍ତା କାର୍ଯ୍ୟ ଶେଷ ହେଉନାହିଁ ।ଏହି ରାସ୍ତା ନିର୍ମାଣ ପାଇଁ ପୂର୍ତ ବିଭାଗ ପକ୍ଷରୁ ୧୪କୋଟି ୬୪ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ ୨୦୨୩ ଡିସେମ୍ବର ୮ତାରିଖରେ ଏହାର ଶିଳାନ୍ୟାସ କରାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା । କିନ୍ତୁ ଆରମ୍ଭରୁ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଥିଲା । ଠିକାଦାର ମନମୁଖୀ ଭାବେ କାର୍ଯ୍ୟ କରୁଥିବା ବାରମ୍ବାର ଅଭିଯୋଗ ପରେ ବି କୌଣସି ସମାଧାନ ଦେଖିବାକୁ ମିଳିନଥିଲା । ଏହି ରାସ୍ତାଟି ବୁଦ୍ଧ ଛକ ଠାରୁ ଶାନ୍ତିବଜାର ଛକ ଏବଂ ସେଠାରୁ ଧର୍ମଶାଳା ବଜାର ମଧ୍ୟ ଦେଇ ବ୍ରାହ୍ମଣୀ ନଦୀବନ୍ଧ ପର୍ଯ୍ୟନ୍ତ କରିବା ପାଇଁ ଠିକାଦାର ଚୁକ୍ତି କରିଥିଲା । ଏହି ରାସ୍ତାଟି ଧର୍ମଶାଳା ଥାନା, ଧର୍ମଶାଳା ସ୍ୱାସ୍ଥ୍ୟ କେନ୍ଦ୍ର, ତହସିଲ୍ କାର୍ଯ୍ୟାଳୟ, ଏବଂ ରାସ୍ତା ପାଶ୍ୱର୍ରେ ବିଭିନ୍ନ ମଣ୍ଡପ ଥିବା ସହ ସ୍କୁଲ୍ କଲେଜ ଛାତ୍ରଛାତ୍ରୀ ମାନେ ଏହି ରାସ୍ତା ଦେଇ ଯାତାୟତ କରିଥାନ୍ତି । କାର୍ଯ୍ୟ କୁ ସମୟ ସୀମା ମଧ୍ୟରେ କରିବା ପରିବର୍ତ୍ତେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଅଂଚଳବାସୀଙ୍କ ଚିନ୍ତାର କାରଣ ପାଲଟିଛି ।

ଉତ୍କଳ ସାମ୍ବାଦିକ ସଙ୍ଘ ବାଲେଶ୍ୱର ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ

ଲୋକନାଥ ଦଳେଇ ସର୍ବସହମତିରେ ପୁନଃ ସଭାପତି ନିର୍ବାଚିତ



ନୀଳଗିରି- ୧୩/୭(ନି.ପ୍ର): ବାଲେଶ୍ୱର ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘ ବାଲେଶ୍ୱର ଜିଲ୍ଲାଶାଖାର ସାଧାରଣ ପରିଷଦ ବୈଠକ ଶନିବାର ପୂର୍ବାହ୍ନ ୧୦ଘଟିକା ସମୟରେ ପ ଲିଙ୍ଗେଶ୍ୱର ସ୍ଥିତ ଗୁରୁକୃପା ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂଘର ଜିଲ୍ଲାଶାଖା ସଭାପତି ଲୋକନାଥ ଦଳେଇଙ୍କ ଏବଂ ଅନ୍ୟାନ୍ୟ କାର୍ଯ୍ୟକ ିାଙ୍କ କାର୍ଯ୍ୟକାଳ ସମାପ୍ତ ହୋଇଥିବାରୁ ଆଗାମୀ ୩ବର୍ଷପାଇଁ ଜିଲ୍ଲାସଂଘର ସଭାପତି ଚୟନ ସହିତ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ଲୋକନାଥ ଦଳେଇ ବୈଠକରେ ସଭାପତିତ୍ୱ କରିଥିବା ବେଳେ ସଙ୍ଘର ବରିଷ୍ଠ ସଦସ୍ୟ ତଥା ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ନିରଞ୍ଜନ ବାରିକ ଏବଂ ସୁଶ୍ରୀ ଜୟଶ୍ରୀ ବେହେରା ମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟସଂଘ ସଭାପତି ବିଭୂତି ଭୂଷଣ କର, ବରଣ୍ୟଅତିଥି ଭାବେ ବାଉଁଶବଣିଆ ସରପ ନିରଞ୍ଜନ ବାରିକ, ୨ନଂ ଜିଲ୍ଲାପରିଷଦ ଉଷାରାଣୀ ରାଉଳ, ଅକ୍ଷୟ କୁମାର ପଟ୍ଟନାୟକ, ବିଶ୍ୱଜିତ୍ ମିଶ୍ର ମ ।ସିନ ରହିଥିଲେ। ପ୍ରଥମେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମହାପ୍ରଭୁ ଜଗନ୍ନାଥଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ସଙ୍ଗୀତଜ୍ଞ ଟୁନୁ ପଟ୍ଟନାୟକ ଏବଂ ସାଥିଙ୍କ ଦ୍ୱାରା ସଂଘୀୟ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସମ୍ମାନୀୟ ଏବଂ ବରେଣ୍ୟ ଅତିଥିମାନଙ୍କ ଦ୍ୱାରା ଅଭିଭାଷଣ ରଖାଯାଇଥିଲା କ୍ଷମୁଖ୍ୟଅତିଥି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସାମ୍ବାଦିକ ଏବଂ ସାମ୍ବାଦିକତା ଉପରେ ବିଭିନ୍ନ ଉଦାହରଣ ମାଧ୍ୟମରେ ସାମ୍ବାଦିକ ମାନଙ୍କ କର୍ତବ୍ୟ ଉପରେ ଉଦବୋଧନ ଦେଇଥିଲେ । ରାଜ୍ୟସଙ୍ଘ ସଭାପତି ବିଭୁତି ଭୂଷଣ କର ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ଏବଂ ଦାବି ଉପସ୍ଥାପନା କରିଥିବା ବେଳେ ବାଲେଶ୍ୱର ଜିଲ୍ଲାଶାଖାର ସଭାପତି ଲୋକନାଥ ଦଳେଇ ଗତ ୩ବର୍ଷର କାର୍ଯ୍ୟକଳାପ ମଧ୍ୟରେ ବାଲେଶ୍ୱର ଶାଖାର ସଦସ୍ୟ ମାନଙ୍କୁ ସଂଗଠିତ କରିବା, ଏବଂ ସଂଘକୁ ଏକ ବୃହତ ସଂଗଠନରେ ପରିଣତ କରିବା ସହିତ ସାମ୍ବାଦିକ ମାନଙ୍କ ସୁଖଦୁଃଖରେ ଛିଡାହେବା ତାଙ୍କର ସାଙ୍ଗଠନିକ ଦକ୍ଷତାର ଏକ ପ୍ରକୃଷ୍ଟ ଉଦାହରଣ ବୋଲି କହିଥିଲେ। ଏଥିସହିତ ଆଗାମୀ ୩ବର୍ଷ ପାଇଁ ସର୍ବ ସମ୍ମତି କ୍ରମେ ଦଳର ସଭାପତି ଭାବେ ଚୟନ କରିଥିବାରୁ ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ବରଣ୍ୟ ଅତିଥି ବାଉଁଶବଣିଆ ସରପ ନିରଞ୍ଜନ ବାରିକ ବାଲେଶ୍ୱର ଜିଲ୍ଲା ସମ୍ବାଦ ଏବଂ ସାମ୍ବାଦିକ ମାନଙ୍କ ଏକୁଡ଼ିଶାଳ ବୋଲି କହିଥିଲେ । କଥାସମ୍ରାଟ ଫକୀର ମୋହନ ସେନାପତି ଏବଂ କବିବର ରାଧାନାଥ ରାୟଙ୍କ ଉଦ୍ୟମରେ ୧୯୧୯ ମସିହାରେ ସମ୍ବାଦପତ୍ର ଆରମ୍ଭ ହୋଇଥିବା କହିଥିଲେ। ଜୋନ ୨ର ଜିଲ୍ଲା ପରିଷଦ ସଭ୍ୟା ଉଷାରାଣି ରାଉଳ ସାମ୍ବାଦିକ ମାନଙ୍କ ଜୀବନ ଦୁଃଖ କଷ୍ଟ ସହିତ ସଂଘର୍ଷ ପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ସଙ୍ଘର ବରିଷ୍ଠ ସଦସ୍ୟ ଅକ୍ଷୟ କୁମାର ପଟ୍ଟନାୟକ ଓ ବିଶ୍ୱଜିତ ମିଶ୍ର ମ ।ସିନ ରହି ସାମ୍ବାଦିକ ମାନଙ୍କୁ ଉଦବୋଧନ ଦେଇଥିଲେ । ଜିଲ୍ଲା ସଭାପତି ଲୋକନାଥ ଦଳେଇ ପୁନଃନିର୍ବାଚିତ ହୋଇଥିବାରୁ ସଙ୍ଘର ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କୁ କୃତଜ୍ଞତା ଜଣାଇବା ସହିତ ସମସ୍ତଙ୍କ ସୁଖଦୁଃଖରେ ସାମିଲ ହୋଇ ସମସ୍ତଙ୍କ ହିତ ଉଦ୍ଦେଶ୍ୟରେ ଲଢେଇ ଜାରି ରଖିବେ ବୋଲି ମତ ପ୍ରକାଶ କରିଥିଲେ । ମ ପରିଚାଳନା କରିଥିଲେ। ପରେ ମୁଖ୍ୟଅତିଥିଙ୍କ ଦ୍ୱାରା

ଧରିତ୍ରୀ


ଧରିତ୍ରୀ

୩ ♣ ବାଲେଶ୍ୱର ♣ ସୋମବାର, ୧୪ ଜୁଲାଇ ୨୦୨୫

ରହସ୍ୟମୟୀ ଗାଁ: ମଣିଷଠାରୁ ଆରମ୍ଭ କରି ପଶୁପକ୍ଷୀ ସମସ୍ତେ ଅନ୍ଧ

ବିଚିତ୍ର ଏ ବିଶ୍ୱ ବ୍ରହ୍ମାଣ୍ଡ ,ବିଚିତ୍ର ତାର ପରିକଳ୍ପନା । ଏଠାରେ ଲୁଚି ରହିଛି ଅନେକ ରହସ୍ୟମୟ ତଥ୍ୟ ଏବଂ ଘଟଣା । ଯାହା ବିଷୟରେ ଜାଣିଲେ ବୈଜ୍ଞାନିକମାନଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ, ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯିବ । ତେବେ ସେହିପରି ଏକ ଗାଁ ରହିଛି । ଯାହାକି ସମ୍ପୂର୍ଣ୍ଣ ରହସ୍ୟମୟ । ସେହି ଗାଁ ବିଷୟରେ ଏବଂ ସେଠାରେ ଥିବା ରହସ୍ୟ ବିଷୟରେ ଜାଣିବା ପାଇଁ ବୈଜ୍ଞାନିକମାନେ ଅନେକ ପ୍ରୟାସ କରିଛନ୍ତି । କିନ୍ତୁ ସବୁପରେ ମଧ୍ୟ ସେ ଏହି ଗାଁ ବିଷୟରେ କିଛି ବି ତଥ୍ୟ ପାଇ ନାହାନ୍ତି । ତେବେ ଆମେ ଆଜି ଆପଣମାନଙ୍କୁ ସେହି ଗାଁ ବିଷୟରେ ଜଣାଇବାକୁ ଯାଉଛୁ ଯାହା ଜାଣିଲେ ଆପଣମାନେ ମଧ୍ୟ ବିଶ୍ୱାସ କରି ପାରିବେ ନାହିଁ । ବର୍ତ୍ତମାନ ଆସନ୍ତୁ ଜାଣିବା ସେହି ରହସ୍ୟମୟୀ ଗାଁ ବିଷୟରେ...







ମେକ୍ସିକୋରେ ଏକ ଗାଁ ଅଛି ଯାହା ଦୁନିଆର ରହସ୍ୟମୟ ସ୍ଥାନ ମଧ୍ୟରେ ଅନ୍ତର୍ଭୁକ୍ତ । ଏହି ଗାଁରେ ପିଲାମାନେ ଜନ୍ମ ହେବାପରେ ଏପରି କିଛି ଘଟେ ଯାହାକୁ ଶୁଣିଲେ ଆପଣ ବି ଆଶ୍ଚର୍ଯ୍ୟ ହୋଇଯିବେ । ତେବେ ଏଠାରେ ପିଲାମାନେ ଜନ୍ମ ହୁଅନ୍ତି, ହେଲେ ଜନ୍ମର କିଛି ଦିନପରେ ସେମାନେ ଅନ୍ଧ ହୋଇଯାଆନ୍ତି । ଖାଲି ମଣିଷ ନୁହେଁ ପଶୁ ବି ଅନ୍ଧ ପାଲଟି ଯାଆନ୍ତି । ଯେଉଁଥିପାଇଁ ମେକ୍ସିକୋର ଏହି ଗାଁକୁ ଅନ୍ଧ ଗାଁ ମଧ୍ୟ କୁହାଯାଏ । ଯହାର ପ୍ରକୃତ ନାମ ହେଉଛି ଟିଲଟେପେକ । ତେବେ ଏହି ଅଦ୍ଭୁତ କାରଣରୁ ଏହି ଗାଁ ସାରା ବିଶ୍ୱରେ ପ୍ରସିଦ୍ଧ ହୋଇଛି । ଯାହା ବିଷୟରେ ଶୁଣିଲେ କେହି ବି ସହଜରେ ବିଶ୍ୱାସ କରନ୍ତି ନାହିଁ । ଟିଲଟେପକ୍ ଗାଁ ଦୁନିଆର ସବୁଠାରୁ ରହସ୍ୟମୟ ଗାଁ ମଧ୍ୟରୁ ଅନ୍ୟତମ । କାରଣ ଏହି ଗାଁରେ କେବଳ ଅନ୍ଧମାନେ ହିଁ ବସବାସ କରନ୍ତି । କୁହାଯାଏ ଜାପୋଟେକ୍ ଜନଜାତି ମେକ୍ସିକୋର ଟିଲଟେପାକରେ ରୁହନ୍ତି । ଯେତେବେଳେ ସେଠାରେ ପିଲାମାନେ ଜନ୍ମ ହୁଅନ୍ତି ସେମାନଙ୍କର ଆଖି ସଂପୂର୍ଣ୍ଣ ଭଲ ଥାଏ। କିନ୍ତୁ ସମୟ ଗଡିବା ସହିତ ସେମାନଙ୍କର ଆଖି ନଷ୍ଟ ହୋଇଯାଏ । ଏହା କେବଳ ମଣିଷ ନୁହେଁ ପଶୁମାନଙ୍କ ସହ ମଧ୍ୟ ହୋଇଥାଏ । ସେପଟେ ଏହି ଗାଁରେ ବାସ କରୁଥିବା ଜନଜାତିର ଲୋକମାନେ ସେଠାରେ ଥିବା ଏକ ଅଭିଶାପିତ ବୃକ୍ଷକୁ ସେମାନଙ୍କର ଅନ୍ଧ ହେବାର କାରଣ ବୋଲି କୁହନ୍ତି । ସେମାନେ କହିଛନ୍ତି ଲାଭାକୁଏଲା ନାମକ ଏକ ଗଛ ଅଛି । ଯାହାକୁ ଦେଖିବାପରେ ମଣିଷ ଠାରୁ ପଶୁ ଏବଂ ପକ୍ଷୀ ସମସ୍ତେ ଅନ୍ଧ ହୋଇଯାଆନ୍ତି । ତେବେ ଏହି ଗଛ ଗାଁରେ ବର୍ଷ ବର୍ଷ ଧରି ରହି ଆସିଛି । ସେପଟେ ଏହାକୁ କିଛି ଲୋକ ବିଶ୍ୱାସ କରୁଥିବା ବେଳେ ଅନେକ ଏହାକୁ ଅନ୍ଧବିଶ୍ୱାସ ବୋଲି କୁହନ୍ତି । ବିଶେଷଜ୍ଞମାନଙ୍କ କହିବା ଅନୁସାରେ ଏହି ଗାଁରେ ବିଷାକ୍ତ ମାଛି ମଧ୍ୟ ଦେଖିବାକୁ ମିଳୁଛି । ଏହି ମାଛି କାମୁଡିବା ଦ୍ୱାରା ଲୋକମାନେ ଅନ୍ଧ ହେଇଯାଉଛନ୍ତି। ଏହା ଗାଁ ବିଷୟରେ ଜାଣିବାପରେ ମେକ୍ସିକୋ ସରକାର ଗ୍ରାମବାସୀଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରିଥିଲେ । ହେଲେ ସରକାର ମଧ୍ୟ କିଛି ସଫଳତା ପାଇଲେ ନାହିଁ । ପରବର୍ତ୍ତୀ ସମୟରେ ସରକାର ଏଜି ଜନଜାତିଙ୍କୁ ଅନ୍ୟତ୍ର ରହିବାକୁ କହିଥିଲେ । ହେଲେ ସେଠାର ଜଳବାୟୁ ସେମାନଙ୍କ ପାଇଁ ଅନୁକୂଳ ନଥିଲା । ଫଳରେ ସେହି ଲୋକମାନେ ସରକାର ଦେଇଥିବା ସ୍ଥାନରେ ରହି ପାରିଲେ ନାହିଁ । ଯାହାଫଳରେ ସେମାନେ ପୁନର୍ବାର ଟିଲଟେପକ୍ ଗାଁରେ ରହିବକୁ ଲାଗିଲେ । ତେବେ ଆଜି ବି ସେ ସ୍ଥାନରେ ଲୋକେ ଅନ୍ଧ ହୋଇ ଜୀବନ ବିତାଉଛନ୍ତି ।

କାମରେ ବାଧା ଏବଂ ଖରାପ ନଜର୍ ଦୂର୍ କରେ କଳା ସୋରିଷ

ସମସ୍ତେ ଜୀବନରେ ଅଗ୍ରଗତି କରି ଟଙ୍କା, ଧନ ଏବଂ ଗୌରବ ଲାଭ କରିବାକୁ ଚେଷ୍ଟା କରନ୍ତି ।ଏଥିପାଇଁ ସେ କଠିନ ପରିଶ୍ରମ କରନ୍ତି, କିନ୍ତୁ ଅନେକ କାରଣରୁ ସେ ଅଗ୍ରଗତି କରିବାକୁ ସକ୍ଷମ ହୋଇପାରନ୍ତିନି । ଏହା ପଛର କାରଣ ହେଉଛି, ଅନେକ ପ୍ରକାରର ତ୍ରୁଟି ଏବଂ ମନ୍ଦ ଆଖି ହୋଇପାରେ । ଏପରି ପରିସ୍ଥିତିରେ, ଆଜି ଆମେ ଖାଦ୍ୟରେ ବ୍ୟବହୃତ କଳା ସୋରିଷର ପ୍ରତିକାର ବିଷୟରେ ସୂଚନା ଦେବୁ । କଳା ସୋରିଷର ପ୍ରତିକାରଗୁଡିକ ଅତି ସଠିକ୍ ଭାବରେ ବିବେଚନା କରାଯାଇଛି । ଏହି ପ୍ରତିକାରଗୁଡିକ କରିବା ଦ୍ୱାରା ଖରାପ ନଜର ଚାଲିଯାଏ ଏବଂ ଘରେ ସୁଖ, ଶାନ୍ତି ଏବଂ ସମୃଦ୍ଧତା ବୃଦ୍ଧି ପାଏ । ଯଦି ଆପଣ ଭାଗ୍ୟର ସମର୍ଥନ ପାଇ ନାହାଁନ୍ତି, ତେବେ ଶୋଇଥିବା ଭାଗ୍ୟକୁ ଜାଗ୍ରତ କରିବା ପାଇଁ ଏକ ପାତ୍ରରେ ପାଣି ଭର୍ତ୍ତି କରନ୍ତୁ ଏବଂ ସେଥିରେ କଳା ସୋରିଷ ମଞ୍ଜି ରଖନ୍ତୁ । ଏହା ପରେ ଏହି ପାଣିରେ ସ୍ନାନ କରନ୍ତୁ । ଏହା କରିବା ଦ୍ୱାରା, ଭାଗ୍ୟ ଜାଗ୍ରତ ହୁଏ ଏବଂ ଭାଗ୍ୟର ସମର୍ଥନ ପାଇବା ଆରମ୍ଭ କରେ । ବ୍ୟକ୍ତି ଜୀବନରେ କଠିନ ପରିଶ୍ରମ କରେ, କିନ୍ତୁ କିଛି ତାର ଫଳାଫଳ ପାଏ ନାହିଁ । ତାଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟ ହଠାତ୍ ଖରାପ ହେବାକୁ ଲାଗେ ଏବଂ କାର୍ଯ୍ୟରେ ବାଧା ଉପୁଜିଥାଏ । ଏଭଳି ପରିସ୍ଥିତିରେ ଗୁରୁବାର ଦିନ କଳା



ସୋରିଷ ଅର୍ଥାତ୍ ସୋରିଷ ଦାନ କରନ୍ତୁ। ଆପଣଙ୍କ ଘରେ କିମ୍ବା ସଦସ୍ୟଙ୍କ ଉପରେ ଯଦି କେହି ଖରାପ ନଜର ପକାଇଛନ୍ତି, ତେବେ ସୋରିଷ ମଞ୍ଜି, ସାତୋଟି ଲାଲ୍ ଲଙ୍କା ଏବଂ ଲୁଣ ସେହି ବ୍ୟକ୍ତିଙ୍କ ମୁଣ୍ଡରେ ସତ ଥର ଘୂର୍ଣ୍ଣନ କରି ଜ୍ୱଳନ୍ତ ନିଆଁରେ ପକାଇ ଦିଅନ୍ତୁ । ଆପଣ ଏହି ପ୍ରତିକାରକୁ ବାମ ହାତରେ କରିବା ଉଚିତ୍ । କଳା ସୋରିଷର ଏହି ପ୍ରତିକାର ଖରାପ ନଜରରୁ ରକ୍ଷା କରିବାରେ ସାହାୟତ ହୋଇଥାଏ ।

ଖାଇବା ପରେ ଥଣ୍ଡା ପାଣି ପିଇବା ଦ୍ୱାରା ବଢିଯାଏ ହାର୍ଟ ଆଟାକର ସମ୍ଭାବନା

ସାଧାରଣତଃ ଆମ ଶରୀରର ତାପମାତ୍ରା ୩୭ ଡିଗ୍ରୀ ସେଲ୍‌ସିୟସ୍ ଥାଏ। ଏଥିପାଇଁ ପିଇବା ପାଣିର ତାପମାତ୍ରା ୨୦ ରୁ ୨୨ ଡିଗ୍ରୀ ମଧ୍ୟରେ ରହିବା ଉପଯୁକ୍ତ। କେତେକ ବ୍ୟକ୍ତି ଖାଇବା ପରେ ଫ୍ରିଜ୍ ପାଣି ପିଇଥାଆନ୍ତି। କିନ୍ତୁ ଏହି ପାଣି ଯଦି ଅତ୍ୟଧିକ ଥଣ୍ଡା ହୋଇଥାଏ, ତେବେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ। ପାଣି ଅଧିକ ଥଣ୍ଡା ଥିଲେ ଏବଂ ତାହାକୁ ପିଇଲେ ଏହା ରୋଗ ପ୍ରତିରୋଧକ ଶକ୍ତିକୁ ହ୍ରାସ କରିଥାଏ। ଅପରପକ୍ଷରେ ଏହାର ସିଧାସଳଖ



ପ୍ରଭାବ ପାଚନ କ୍ରିୟା ଉପରେ ପଡ଼ିଥାଏ। ଥଣ୍ଡା ପାଣି ପିଇବା ମାତ୍ରକେ ଢୋକିବା ପାଇଁ ସମୟ ଲାଗେ। କାରଣ ଏହି ପାଣିର ତାପମାତ୍ରା କିଛି ପରିମାଣରେ ସାମାନ୍ୟ ହେବା ପରେ ଗଳାରୁ ଖସିଥାଏ। କିନ୍ତୁ ନିରନ୍ତର ଖାଇବା ପରେ ସ୍ୱାସ୍ଥ୍ୟ ଥଣ୍ଡାପାଣି ପିଇବା କ୍ଷତିକାରକ ଭାବେ ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡା ପାଣି ପିଇବା ଦ୍ୱାରା ଟନ୍‌ସିଲ ସମସ୍ୟା ଉପୁଜିଥାଏ। ଥଣ୍ଡା ପାଣି ଦ୍ୱାରା ପେଟର ଅନ୍ତଃନଳୀ ସଙ୍କୁଚିତ ହୋଇଯାଏ, ଯଦ୍ୱାରା କଫ ସମସ୍ୟା ଦେଖାଦିଏ। ତେଣୁ କଫ ସମସ୍ୟା ଭୋଗୁଥିବା ଲୋକେ ଥଣ୍ଡା ପାଣିଠୁ ଦୂରରେ ରହିବା ଭଲ।

ଅଲ୍‌ଝାଇମର୍ସ ପାଇଁ ପୋଦିନା ବରଦାନ




ଅଲ୍‌ଝାଇମର୍ସ ଓ ପୋଦିନା ତେଲ ବା ରାସାୟନିକ ଯୌଗିକ ‘ମେନ୍ଥୁଲ’ ମଧ୍ୟରେ ଏକ ଅଜଣା ସମ୍ପର୍କ ଲୋକଲୋଚନକୁ ଆସିଛି। ସଦ୍ୟ ଅନୁଷ୍ଠିତ ଏକ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି ଯେ ଏକ ଅଲ୍‌ଝାଇମର୍ସରେ ପୀଡ଼ିତ ମୂଷାକୁ ‘ମେନ୍ଥୁଲ’ ଶୁଂଘାଇବା ଦ୍ୱାରା ତାହାର ଜ୍ଞାନାତ୍ମକ ଦକ୍ଷତାରେ ଉନ୍ନତି ଘଟିପାରୁଛି। ସୁତରାଂ ଅଲ୍‌ଝାଇମର୍ସ ଦ୍ୱାରା ମସ୍ତିଷ୍କର ସ୍ନାୟୁ ବା କୋଷରେ ସଂଘଟିତ କ୍ଷତିକୁ ଏହି ରାସାୟନିକ ପଦାର୍ଥ ରୋକିପାରିବ ବୋଲି ଆଶା କରାଯାଉଛି। ଆମ ମସ୍ତିଷ୍କରେ ‘ଇଣ୍ଟରଲ୍ୟୁକିନ୍-୧-ବିଟା’ ନାମକ ଏକ ପ୍ରକାର ପ୍ରୋଟିନ୍ କ୍ଷରଣ ହୋଇଥାଏ, ଯାହା ଶରୀରରେ ପ୍ରଦାହ ସମ୍ବେଦନଶୀଳତାକୁ ନିୟନ୍ତ୍ରଣ କରିଥାଏ, ଫଳରେ ଶରୀରକୁ ରୋଗପ୍ରତିରୋଧକତା ପରି ପ୍ରାକୃତିକ ସୁରକ୍ଷା ମିଳିଥାଏ। ତେବେ ଏହି ପ୍ରୋଟିନ୍‌ର ଅସନ୍ତୁଳନ ନାନା ସମସ୍ୟା ସୃଷ୍ଟି କରିଥାଏ। ବିଶେଷ କରି ଅଲ୍‌ଝାଇମର୍ସ ଆକ୍ରାନ୍ତଙ୍କ ଠାରେ ଏହି ପ୍ରୋଟିନ୍ ପରିମାଣର ହ୍ରାସ ପରିଲକ୍ଷିତ ହୋଇଥାଏ। ପୂର୍ବରୁ କରାଯାଇଥିବା ଏକ ଅନୁଧ୍ୟାନ ଅନୁଯାୟୀ, କୌଣସି ଗନ୍ଧ ଆଘ୍ରାଣ ଦ୍ୱାରା ଶରୀରର ଏହି ରୋଗପ୍ରତିରୋଧକତା ଅବସ୍ଥାରେ ଉନ୍ନତି ଅଣାଯାଇପାରିବ। ତେଣୁ ଗବେଷକମାନେ ବିଭିନ୍ନ ପ୍ରକାର ରାସାୟନିକ ଯୌଗିକର ଗନ୍ଧକୁ ପ୍ରୟୋଗ କରି ଆସୁଥିଲେ। ଏହି କ୍ରମରେ ପରୀକ୍ଷାମୂଳକ ଭାବେ ମୂଷାଙ୍କୁ ଦୀର୍ଘ ଛଅମାସ କାଳ ନିର୍ଦ୍ଦିଷ୍ଟ ମାତ୍ରାର ‘ମେନ୍ଥୁଲ’ ଶୁଂଘାଇବା ପରେ ତାହାର ‘ଇଣ୍ଟରଲ୍ୟୁକିନ୍-୧-ବିଟା’ ପ୍ରୋଟିନ୍ ସ୍ତର ପୂର୍ବାବସ୍ଥାକୁ ଫେରି ଆସିଥିବା ଜଣାପଡ଼ିଥିଲା। ଆଶ୍ଚର୍ଯ୍ୟର କଥା, ଅଲ୍‌ଝାଇମର୍ସ ପୀଡ଼ିତ ମୂଷାଠାରେ ‘ମେନ୍ଥୁଲ’ ପ୍ରୟୋଗ ତାହାର ରୋଗପ୍ରତିରୋଧକତା ବଢ଼ାଇବା ସହ ସେ ତାହାର ଜ୍ଞାନାତ୍ମକ ଦକ୍ଷତା ଉଲ୍ଲେଖନୀୟ ଭାବେ ଫେରି ପାଇଥିବା ଦେଖାଯାଇଥିଲା। ବିଶେଷ କରି ଅଲ୍‌ଝାଇମର୍ସ, ପାର୍କିନ୍‌ସନ୍‌ସ ଓ ସିଜୋଫ୍ରେନିଆ ଆଦି ରୋଗରେ ପୀଡ଼ିତ ବ୍ୟକ୍ତିଙ୍କର ଘ୍ରାଣଶକ୍ତି ଢେର କମିଯାଇଥାଏ। ସୁତରାଂ ଏହି ସଦ୍ୟ ଅନୁଧ୍ୟାନ ଗବେଷକମାନଙ୍କ ମନରେ ‘ମେନ୍ଥୁଲ’ ଆଘ୍ରାଣକୁ ଏକ ଅଲ୍‌ଝାଇମର୍ସ ଉପଚାର ଭାବେ ଉପଯୋଗ କରିବାର ଆଶା ସଂଚାର କରିଛି।

ଅଧିକ କାମ ମଧୁମେହର କାରଣ

ସରକାରୀ ଏବଂ ଘରୋଇ କାର୍ଯ୍ୟାଳୟଗୁଡ଼ିକରେ ମହିଳା କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । କେତେକ ସଂସ୍ଥାରେ କାର୍ଯ୍ୟଚାପ ଯୋଗୁ ମହିଳାଙ୍କୁ ଅଧିକ ସମୟ ଅଫିସରେ ରହିବାକୁ ପଡ଼େ । ସେହିପରି କେତେକ ଘରେ ମଧ୍ୟ ମହିଳାମାନେ ବହୁ ସମୟ କାମ କରନ୍ତି । କିନ୍ତୁ ଏହା ସେମାନଙ୍କ ପାଇଁ କ୍ଷତିକାରକ ହୋଇପାରେ । ସପ୍ତାହକୁ ୪୫ ଘଣ୍ଟାରୁ ଅଧିକ ସମୟ କାର୍ଯ୍ୟ କରୁଥିବା ମହିଳାମାନେ ଡାଇବେଟିସ୍ ଅର୍ଥାତ୍ ମଧୁମେହ ରୋଗରେ ପୀଡ଼ିତ ହୋଇପାରନ୍ତି । ପୁରୁଷଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଏ ନେଇ ୭୦ ପ୍ରତିଶତ ଆଶଙ୍କା ରହିଛି । କାର୍ଯ୍ୟକ୍ଷେତ୍ର ଉପରେ ପର୍ଯ୍ୟବେକ୍ଷଣ କରି ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ଘରର ଦାୟିତ୍ୱ ସାଙ୍ଗକୁ ଅଫିସ କାମକୁ





ମଶାଇଲେ କର୍ମଜୀବୀ ମହିଳାମାନେ ଅନେକ ପରିଶ୍ରମ କରନ୍ତି । ସକାଳୁ ଶଯ୍ୟାତ୍ୟାଗ ଠାରୁ ରାତି ପର୍ଯ୍ୟନ୍ତ ସବୁତକ କର୍ତ୍ତବ୍ୟ ନିର୍ବାହ କରନ୍ତି । ତେଣୁ ଅତ୍ୟଧିକ କାର୍ଯ୍ୟଚାପ ମହିଳାଙ୍କ ଶରୀର ଉପରେ କୁପ୍ରଭାବ ପକାଏ । ହରମୋନ କ୍ଷରଣ ଅସ୍ୱାଭାବିକ ହେବା ସହ ଇନ୍‌ସୁନିଲ୍ ମାତ୍ରା କମିଯାଏ । କିନ୍ତୁ ସପ୍ତାହକୁ ୪୫ଘଣ୍ଟା କାର୍ଯ୍ୟ କରୁଥିବା ପୁରୁଷଙ୍କ ସ୍ୱାସ୍ଥ୍ୟ ଉପରେ ସେତେଟା ପ୍ରଭାବ ପଡ଼େନାହିଁ । କାନାଡ଼ାର କ୍ୟୁବେକ୍ ୟୁନିଭର୍ସିଟି ହସ୍ପିଟାଲ ପକ୍ଷରୁ ହୋଇଥିବା ସର୍ବେକ୍ଷଣରୁ ଏହା ଜଣାପଡ଼ିଛି । ସର୍ଭେ କରିଥିବା ଟିମ୍ ସଦସ୍ୟ କହିଛନ୍ତି ଯେ, ବିଶ୍ୱବ୍ୟାପୀ ଏବେ ମଧୁମେହ ସମସ୍ୟା ବଢ଼ିବାରେ ଲାଗିଛି । ଏଥିପାଇଁ ଦୀର୍ଘ ସମୟ କାର୍ଯ୍ୟସ୍ଥଳରେ ରହିବା ଏବଂ ବର୍ଷୀୟା ୭,୦୬୫ କର୍ମଜୀବୀ ମହିଳାଙ୍କ ଉପରେ ୧୨ବର୍ଷ ଏହି ସର୍ଭେ ହୋଇଛି । କାର୍ଯ୍ୟ ସମୟକୁ ୧୫-୩୪, ୩୫-୪୦, ୪୧-୪୪ ଘଣ୍ଟା ଏବଂ ୪୫ଘଣ୍ଟାରୁ ଉର୍ଦ୍ଧ୍ୱ ଆଦି ଚାରିଭାଗ କରି ଅନୁଧ୍ୟାନ କରାଯାଇଥିଲା । ୪୫ଘଣ୍ଟାରୁ ଅଧିକ କାମ କରୁଥିବା ମହିଳାଙ୍କ ଠାରେ ମଧୁମେହ ଆଶଙ୍କା ଅଧିକ ଦେଖିବାକୁ ମିଳିଲା । ବିଶ୍ୱ ସ୍ତରରେ ଏକ ଆକଳନ ଅନୁଯାୟୀ ୨୦୩୦ ସୁଦ୍ଧା ୪୩୯ ନିୟୁତ ପ୍ରାପ୍ତବୟସ୍କ ଲୋକ ମଧୁମେହର ଶିକାର ହେବେ ।

ଅନ୍ୟର ଦୁଃଖରେ ସମଭାଗୀ ହୁଅନ୍ତୁ

ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ବିଷୟରେ ପ୍ରାୟ ସମସ୍ତେ ଜାଣନ୍ତି ସେ ଜଣେ କରୁଣାମୟ, ସହିଷ୍ଣୁ ଏବଂ ପରୋପକାରୀ ବ୍ୟକ୍ତିତ୍ୱ ଥିଲେ। ଅନ୍ୟର ସୁଖଦୁଃଖରେ ସାମତଳ ହେବା କିମ୍ବା ଅନ୍ୟକୁ ସାହାଯ୍ୟ କରିବା ତାଙ୍କର ନିୟମିତ ମୁଖ୍ୟ କାମ। ଏକଦା ସେ ଜାଣିପାରିଲେ ଜୟରାମ ନାମକ ଦୟାଳୁ, ଦାନବୀର ଏବଂ ପରୋପକାରୀ ସଜ୍ଜନଙ୍କର ମୃତ୍ୟୁ ହୋଇଥିବା ପରେ ତାଙ୍କ ପତ୍ନୀଙ୍କ ପାଖରେ ଅନ୍ତିମ ଯାତ୍ରା ପାଇଁ ଅର୍ଥ ନଥିଲା। ବିଦ୍ୟାସାଗରୀ ଜୟରାମଙ୍କୁ ଜାଣିନଥିଲେ। ମାତ୍ର ତାଙ୍କ ମୃତ୍ୟୁ ପରେ ଅନ୍ତିମ କ୍ରିୟା ପାଇଁ ଆର୍ଥଭାବ ଥିବା ଜାରଣିବା ପରେ ବିଦ୍ୟାସାଗର ତାଙ୍କ ଘରର ଠିକଣା ଖୋଜି ସେଠାରେ ପହଂଚିଥିଲେ। ସେଠାରେ ଜୟରାମଙ୍କ ବିଧବା ପତ୍ନୀକୁ ବୁଝାଇବା ସହ ଶ୍ରଦ୍ଧାସୁମନ ଅର୍ପଣ କମରିବା ପାଇଁ କଡ଼ରେ ବସିଥିଲେ। ଜୟରାମଙ୍କ ଘରକୁ ଆସିଥିବା ଲୋକଳଙ୍କ ଭିଡ଼ କମିଲା ପରେ ସେ ସେ ପୁଣି ତାଙ୍କ ବିଧବା ପତ୍ନୀଙ୍କ ପାଖକୁ ଗଲେ। ତାଙ୍କୁ କହିଲେ ମୁଁ ଆଉ ଜୟରାମ ଖୁବ ଭଲ ବନ୍ଧୁଥିଲେ। ଦୁଇଜଣଯାକ ପରସ୍ପରର ସୁଖଦୁଃଖରେ ଠିଆ ହୋଇଥିଲୁ।



ଏକଦା ମୁଁ ଅସୁବିଧାରେ ଥିବାବେଳେ ଜୟରାମଙ୍କ ଠାରୁ କିଛି ଅର୍ଥରାଶି ସାହାଯ୍ୟ ନେଇଥିଲି। ଆଜି ମୁଁ ସେହି ଅର୍ଥ ନେଇ ତାଙ୍କ ପାଖକୁ ଆସିବାବେଳେ ଏହି ଦୁଃଖଦ ସମାଚାର ମୋତେ ମିଳିଲା। ଏବେ ତ ସେ ଚାଲିଯାଇଛନ୍ତି, ଏହି ଅର୍ଥ ଆପଣ ହିଁ ରଖିଦଅନ୍ତୁ। ବାକି ଅର୍ଥ ମୁଁ ଧୀରେ ଧୀରେ ସୁଝିବେ। ଜୟରାମଙ୍କ ପତ୍ନୀ କାନ୍ଦି କାନ୍ଦି ଅର୍ଥ ମଁ ଧୀରେ ଧୀରେ ଶୁଝିଦେବି। ଜୟରାମଙ୍କ ପତ୍ନୀ କାନ୍ଦି କାନ୍ଦି ସେ ଅର୍ଥକୁ ଧରିଲେ। ଭବିଷ୍ୟତରେ ବିଦ୍ୟାସାଗର ସେହି ମହିଳାଙ୍କୁ ପ୍ରତି ମାସରେ ଏକ ନିର୍ଦ୍ଦିଷ୍ଟ ଅର୍ଥ ବିଧବା ପଠାଉଥିଲେ। ଅନେକ ବର୍ଷ ପରେ ଜୟରାମଙ୍କ ବିଧବା ପତ୍ନୀଙ୍କୁ ଏହି କାହାଣୀର ବାସ୍ତବତା ଜଣାପଡ଼ିଲା। ସେ ଏଭଳି ମିଛକୁ ନେଇ ଆଶ୍ଚର୍ଯ୍ୟ ହୋଇ ପଡ଼ିଲେ। ଆଉ ନିଜ ପୁଅ ସହ ମକି ବିଦ୍ରାଗରାଙ୍କ ଘରକୁ ଗଲେ, ସେଠାରେ ତାଙ୍କ ପାଦତଳେ ପଡ଼ି କାନ୍ଦିବାରେ ଲାଗିଲେ। ଆଉ କହିଲେ ଆପଣ ଆମର ଖରାପ ସମୟରେ ସାହାରା ହେଲେ। ଆମେ ଏହି ଋଣ କେମିତି ଶୁଝିବୁ? ଏହା ଶୁଣି ବିଦ୍ୟାସାଗର କହିଲେ, ଭଉଣୀ ତୁମ ଆଖିର ଏହି ଲୁହ ସମସ୍ତ ଋଣୀ ଶୁଝି ସଦାରଖିଛନ୍ତି। ତେଣୁ ହୃଦୟରେ କୌଣସି ବୋଝ ନରଖି ଘରକୁ ଫେରିଯାଅ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୪ ଜୁଲାଇ ୨୦୨୫, ସୋମବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଏୟାର ଇଣ୍ଡିଆ ୧୭୧ ଦୁର୍ଘଟଣା: 'କିପରି'ର ଉତ୍ତର, 'କାହିଁକି'ର ଅପେକ୍ଷା

ଅହମ୍ମଦାବାଦରେ ଘଟିଯାଇଥିବା ଭୟାବହ ଏୟାର ଇଣ୍ଡିଆ ବିମାନ ୧୭୧ ଦୁର୍ଘଟଣା ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଛି । ଏହି ଦୁଃଖଦ ଘଟଣା କେବଳ ଯାତ୍ରୀ ଓ ସେମାନଙ୍କ ପରିବାର ପାଇଁ ନୁହେଁ, ବରଂ ସମଗ୍ର ବିମାନ ଚଳାଚଳ ଶିଳ୍ପ ପାଇଁ ଏକ ଗଭୀର ଆଘାତ । ଦୁର୍ଘଟଣାର କାରଣ ସମ୍ପର୍କରେ ଏକ ପ୍ରାଥମିକ ତଦନ୍ତ ରିପୋର୍ଟ ସାମ୍ନାକୁ ଆସିଛି, ଯାହା ଏହି ଦୁଃଖଦ ଘଟଣା ଉପରେ କିଛି ମାତ୍ରାରେ ଆଲୋକପାତ କରିଥିଲେ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନକୁ ଅସମାହିତ ରଖିଛି । ଏହି ଗମ୍ଭୀର ଦୁର୍ଘଟଣାର ତଦନ୍ତ ଭାରତର ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (AAIB) ଦ୍ୱାରା କରାଯାଉଛି । ବିମାନ ସୁରକ୍ଷା କ୍ଷେତ୍ରରେ ଅନ୍ତର୍ଜାତୀୟ ନିୟମାବଳୀ ଅନୁଯାୟୀ, ଏହି ତଦନ୍ତ ପ୍ରକ୍ରିୟାରେ ଆମେରିକାର ନ୍ୟାସନାଲ ଟ୍ରାନ୍ସପୋର୍ଟେସନ ସେଫ୍ଟି ବୋର୍ଡ (NTSB) ଏବଂ ବିମାନ ନିର୍ମାତା କମ୍ପାନୀ ବୋଇଂର ବିଶେଷଜ୍ଞମାନେ ମଧ୍ୟ ସାହାଯ୍ୟ କରୁଛନ୍ତି, କାରଣ ଦୁର୍ଘଟଣାଗ୍ରସ୍ତ ବିମାନଟି ଆମେରିକାରେ ନିର୍ମିତ ହୋଇଥିଲା । ଏହି ଅନ୍ତର୍ଜାତୀୟ ସହଯୋଗ ତଦନ୍ତର ନିରପେକ୍ଷତା ଓ ବୈଷୟିକ ଦକ୍ଷତାକୁ ସୁନିଶ୍ଚିତ କରେ ।

ତଦନ୍ତକାରୀ ଦଳ ପ୍ରଥମେ ଘଟଣାସ୍ଥଳରୁ ବିମାନର ଦୁଇଟିଯାକ 'ବ୍ଲାକ୍ ବକ୍ସ' - ଫ୍ଲାଇଟ୍ ଡାଟା ରେକର୍ଡର (FDR) ଏବଂ କକପିଟ୍ ଭଏସ୍ ରେକର୍ଡର (CVR)-କୁ ଉଦ୍ଧାର କରିଥିଲେ । ଏହି ଦୁଇଟି ଉପକରଣ ବିମାନ ଦୁର୍ଘଟଣା ତଦନ୍ତରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । FDR ବିମାନର ଗତି, ଉଚ୍ଚତା, ଇଞ୍ଜିନର କାର୍ଯ୍ୟଦକ୍ଷତା, ନିୟନ୍ତ୍ରଣ ପ୍ରଣାଳୀ ଏବଂ ଅନ୍ୟାନ୍ୟ ବୈଷୟିକ ତଥ୍ୟକୁ ରେକର୍ଡ କରିଥାଏ, ଯାହା ବିମାନର ଶେଷ ମୁହୂର୍ତ୍ତର କାର୍ଯ୍ୟକଳାପକୁ ପ୍ରକାଶ କରିଥାଏ । ଅପରପକ୍ଷରେ, CVR କକପିଟ୍ ଭିତରେ ପାଇଲଟମାନଙ୍କର ବାର୍ତ୍ତାଳାପ, ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍ (ATC) ସହିତ ଯୋଗାଯୋଗ ଏବଂ କକପିଟ୍ ଭିତରର ଅନ୍ୟାନ୍ୟ ଶବ୍ଦକୁ ରେକର୍ଡ କରିଥାଏ, ଯାହା ପାଇଲଟମାନଙ୍କର ମାନସିକ ସ୍ଥିତି ଏବଂ ସେମାନେ କିପରି ପରିସ୍ଥିତିକୁ ସାମ୍ନା କରୁଥିଲେ ତାହା ବୁଝିବାରେ ସାହାଯ୍ୟ କରେ । ଏହି ଦୁଇଟି ଉପକରଣରୁ ମିଳିଥିବା ତଥ୍ୟକୁ ଗଭୀର ଭାବେ ବିଶ୍ଳେଷଣ କରିବା ପରେ ହିଁ AAIB ଏହାର ୧୫ ପୃଷ୍ଠାର ପ୍ରାଥମିକ ରିପୋର୍ଟ ପ୍ରକାଶ କରିଛି ।

ରିପୋର୍ଟରୁ ମିଳିଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଉଛି, ବୋଇଂ ୭୮୭-୮ ବିମାନଟି ଉଡ଼ାଣ ଭରିବାର କିଛି କ୍ଷଣ ମଧ୍ୟରେ ଏହାର ଦୁଇଟିଯାକ ଇଞ୍ଜିନକୁ ଇନ୍ଧନ ଯୋଗାଣ ବନ୍ଦ ହୋଇଯାଇଥିଲା । ଏହାର କାରଣ ସ୍ୱରୂପ, କକପିଟରେ ଥିବା ଦୁଇଟି ଇଞ୍ଜିନ ଫୁଏଲ କଣ୍ଟ୍ରୋଲ ସ୍ୱିଚ୍ 'RUN' ସ୍ଥିତିରୁ 'CUTOFF' ସ୍ଥିତିକୁ ଆସିଯାଇଥିଲା, ଯାହାଫଳରେ ଗୋଟିଏ ପରେ ଗୋଟିଏ ଇଞ୍ଜିନ କାମ କରିବା ବନ୍ଦ କରିଦେଇଥିଲା । 'RUN' ସ୍ଥିତିରେ ଇଞ୍ଜିନକୁ ଇନ୍ଧନ ଯୋଗାଣ ସ୍ୱାଭାବିକ ଭାବେ ଚାଲୁ ରହେ, କିନ୍ତୁ 'CUTOFF' ସ୍ଥିତିକୁ ଆଣିବା ଦ୍ୱାରା ଇନ୍ଧନ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ । ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ସାଧାରଣତଃ ଜରୁରୀକାଳୀନ ପରିସ୍ଥିତିରେ କିମ୍ବା ବିମାନ ବନ୍ଦ କରିବା ସମୟରେ କରାଯାଉଥିବା ଏକ କାର୍ଯ୍ୟ ।

କକପିଟ୍ ଭଏସ୍ ରେକର୍ଡରରୁ ମିଳିଥିବା ପାଇଲଟମାନଙ୍କର ବାର୍ତ୍ତାଳାପ ଏହି ଘଟଣାକୁ ଆହୁରି ରହସ୍ୟମୟ କରି ଦେଇଛି । CVR ରେକର୍ଡିଂ ଅନୁଯାୟୀ, ଜଣେ ପାଇଲଟ ଅନ୍ୟ ଜଣଙ୍କୁ ପଚାରିଥିଲେ ଯେ ସେ କାହିଁକି ଇଞ୍ଜିନକୁ ଇନ୍ଧନ ଯୋଗାଣ ବନ୍ଦ କଲେ, ଯାହାର ଉତ୍ତରରେ ଅନ୍ୟ ପାଇଲଟ ଜଣକ ଏହାକୁ ଅସ୍ୱୀକାର କରିଥିଲେ । ଏହି ବାର୍ତ୍ତାଳାପ ସ୍ପଷ୍ଟ ଭାବରେ ସୂଚାଏ ଯେ ଇଞ୍ଜିନ ଫୁଏଲ କଣ୍ଟ୍ରୋଲ ସ୍ୱିଚ୍ ଗୁଡ଼ିକ ଅଜାଣତରେ କିମ୍ବା ଅନ୍ୟ କୌଣସି କାରଣରୁ 'CUTOFF' ସ୍ଥିତିକୁ ଚାଲିଯାଇଥିଲା, ଯାହା ପାଇଲଟମାନଙ୍କ ପାଇଁ ମଧ୍ୟ ଅପ୍ରତ୍ୟାଶିତ ଥିଲା । ଏହାପରେ ପାଇଲଟମାନେ ଇଞ୍ଜିନଗୁଡ଼ିକୁ ପୁନର୍ବାର ଚାଲୁ କରିବା ପାଇଁ ଚେଷ୍ଟା କରିଥିଲେ, କିନ୍ତୁ ଫ୍ଲାଇଟ୍ ଡାଟା ରେକର୍ଡର ଅନୁଯାୟୀ, ବିମାନଟି ସେତେବେଳେ ମାତ୍ର ୭୦୦ ଫୁଟ ଉଚ୍ଚତାରେ ଥିଲା ଏବଂ ଏହାର ଗତି ମଧ୍ୟ କମ୍ ଥିଲା । ଏହିପରି ନିମ୍ନ ଉଚ୍ଚତା ଏବଂ କମ୍ ଗତିରେ ଇଞ୍ଜିନ ପୁନଃ ଚାଲୁ ହେବା ପ୍ରାୟତଃ ଅସମ୍ଭବ, କାରଣ ଇଞ୍ଜିନ ରିଷ୍ଟାର୍ଟ ପାଇଁ ପର୍ଯ୍ୟାପ୍ତ ବାୟୁ ପ୍ରବାହ ଏବଂ ସମୟର ଆବଶ୍ୟକତା ଥାଏ । ଉଡ଼ାଣ ଆରମ୍ଭରୁ ଦୁର୍ଘଟଣା ପର୍ଯ୍ୟନ୍ତ ସମୁଦାୟ ସମୟ ମାତ୍ର ୩୦ରୁ ୪୦ ସେକେଣ୍ଡ ଥିଲା, ଯାହା ପାଇଲଟମାନଙ୍କୁ କୌଣସି ପ୍ରକାରର ପଦକ୍ଷେପ ନେବାକୁ କିମ୍ବା ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ସୁଯୋଗ ଦେଇନଥିଲା । ଏହି ଅତି କମ୍ ସମୟସୀମା ଭିତରେ ଏକ ଜଟିଳ ଜରୁରୀକାଳୀନ ପରିସ୍ଥିତିକୁ ସମ୍ଭାଳିବା ଅତ୍ୟନ୍ତ କଷ୍ଟକର ।

ଏହି ରିପୋର୍ଟ ଦୁର୍ଘଟଣା 'କିପରି' ଘଟିଲା ତାହା ସ୍ପଷ୍ଟ କରୁଥିଲେ ମଧ୍ୟ, ଏହା 'କାହିଁକି' ଘଟିଲା ସେ ବିଷୟରେ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ପହଞ୍ଚିପାରି ନାହିଁ । ସ୍ୱିଚ୍ ଦୁଇଟି କିପରି ନିଜ ସ୍ଥାନରୁ ପରିବର୍ତ୍ତିତ ହେଲା - ଏହା କୌଣସି ଅଜାଣତରେ ହୋଇଥିବା ମାନବୀୟ ତ୍ରୁଟି (ଯେପରିକି ଭୁଲ୍ ସ୍ୱିଚ୍ ଚାପିବା କିମ୍ବା ଅସାବଧାନତା), କୌଣସି ଯାନ୍ତ୍ରିକ ତ୍ରୁଟି (ଯେପରିକି ସ୍ୱିଚ୍ ଡିଜାଇନରେ ତ୍ରୁଟି କିମ୍ବା ତାରରେ ସମସ୍ୟା), ନା ଏହା ପଛରେ ଅନ୍ୟ କିଛି ଉଦ୍ଦେଶ୍ୟ ଥିଲା, ତାହା ଏବେବି ତଦନ୍ତସାପେକ୍ଷ । ପାଇଲଟମାନଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପ ମାନବୀୟ ତ୍ରୁଟି ଆଡକୁ ଇଙ୍ଗିତ କରୁଥିଲେ ମଧ୍ୟ, ଏହା କେଉଁ ପ୍ରକାରର ତ୍ରୁଟି ଥିଲା ତାହା ସ୍ପଷ୍ଟ ନୁହେଁ । ଯେହେତୁ ରିପୋର୍ଟରେ ବୋଇଂ ୭୮୭ ବିମାନ ପାଇଁ କୌଣସି ଜରୁରୀକାଳୀନ ନିର୍ଦ୍ଦେଶନାମା ଜାରି କରାଯାଇନାହିଁ, ଏଥିରୁ ଅନୁମାନ କରାଯାଇପାରେ ଯେ ତଦନ୍ତକାରୀ ସଂସ୍ଥା ଏହାକୁ ଏକ ବ୍ୟାପକ ଯାନ୍ତ୍ରିକ ତ୍ରୁଟି ଭାବେ ଦେଖୁନାହିଁ ଯାହା ସମଗ୍ର ୭୮୭ ଫ୍ଲିଟ୍ ପାଇଁ ବିପଦ ସୃଷ୍ଟି କରିପାରେ । ଏହା ବରଂ ଏକ ନିର୍ଦ୍ଦିଷ୍ଟ ଘଟଣା କିମ୍ବା ମାନବୀୟ କାରକ ସହିତ ଜଡିତ ହୋଇପାରେ ବୋଲି ସୂଚାଉଛି ।

ଏହି ପ୍ରାଥମିକ ତଦନ୍ତ ଦୁର୍ଘଟଣାର କାରଣକୁ ଅଧିକ ସ୍ପଷ୍ଟ କରିଛି, କିନ୍ତୁ ପ୍ରକୃତ ସତ୍ୟ ଜାଣିବା ପାଇଁ ଏବଂ ଭବିଷ୍ୟତରେ ଏପରି ଦୁର୍ଘଟଣାକୁ ରୋକିବା ପାଇଁ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବା ପାଇଁ ସମ୍ପୂର୍ଣ୍ଣ ଏବଂ ବୃତ୍ତାନ୍ତ ରିପୋର୍ଟକୁ ଅପେକ୍ଷା କରିବାକୁ ପଡ଼ିବ । ବୃତ୍ତାନ୍ତ ରିପୋର୍ଟରେ କେବଳ ଦୁର୍ଘଟଣାର କାରଣ ନୁହେଁ ବରଂ ଏହାକୁ ରୋକିବା ପାଇଁ ସୁପାରିଶ ମଧ୍ୟ ରହିବ । ଏଥିରେ ପାଇଲଟ ତାଲିମ, କକପିଟ୍ ପ୍ରଣାଳୀ, ବିମାନ ରକ୍ଷଣାବେକ୍ଷଣ କିମ୍ବା ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍ ପ୍ରଣାଳୀରେ ପରିବର୍ତ୍ତନ ପାଇଁ ପ୍ରସ୍ତାବ ରହିପାରେ । ବିମାନ ସୁରକ୍ଷା ଏକ ନିରନ୍ତର ପ୍ରକ୍ରିୟା ଏବଂ ପ୍ରତ୍ୟେକ ଦୁର୍ଘଟଣାରୁ ଶିକ୍ଷାଲାଭ କରିବା ଅତ୍ୟନ୍ତ ଜରୁରୀ । ଏହି ଦୁର୍ଘଟଣାର ସମ୍ପୂର୍ଣ୍ଣ ସତ୍ୟ ସାମ୍ନାକୁ ଆସିବା ପରେ ହିଁ ଭବିଷ୍ୟତରେ ଏପରି ଦୁଃଖଦ ଘଟଣାକୁ ଏଡ଼ାଇବା ପାଇଁ ଦୃଢ଼ ପଦକ୍ଷେପ ନିଆଯାଇପାରିବ ।



ସମସ୍ତଙ୍କ ପାଇଁ ବିକାଶ ଓ ସଂକଳ୍ପର ଯାତ୍ରା

ହୃଷିକେଶ ପୁହାଣ

ଗରିବ, ନିକ୍ଷେସିତଙ୍କ ଠାରୁ ଆରମ୍ଭ କରି ସମାଜର ସବୁଠୁ ଶେଷ ଧାଡ଼ିରେ ଥିବା ଅବହେଳିତ ଲୋକଙ୍କୁ ବିକାଶର ସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ଭାରତ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ସେଥିପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ ଫ୍ଲାଗସିପ କାର୍ଯ୍ୟକ୍ରମ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏବଂ ଏସବୁ ଯୋଜନାର ସଫଳ ରୂପାୟନ ନିଶ୍ଚିତ କରାଇବା ସକାଶେ ଆରମ୍ଭ ହୋଇଛି ବିକଶିତ ଭାରତ ସଂକଳ୍ପ ଯାତ୍ରା ।

ଭାରତ ସରକାର କେନ୍ଦ୍ର ଶାସିତ ଅଞ୍ଚଳ ଏବଂ ରାଜ୍ୟ ଗୁଡ଼ିକର ସହଯୋଗରେ ବିଭିନ୍ନ ଫ୍ଲାଗସିପ ଯୋଜନାର ସଫଳ ରୂପାନ୍ତର ତଥା ଠିକଣା କାର୍ଯ୍ୟକାରିତା ପାଇଁ ଏବେ ମିଶନ ଧାରାରେ କାମ ଆରମ୍ଭ କରିଛନ୍ତି । ପରିମଳ ସୁବିଧା ଅତ୍ୟାବଶ୍ୟକ ଆର୍ଥିକ ସେବା, ଏଲପିଜି ସଂଯୋଗ ସୁବିଧା, ଗରିବଙ୍କ ପାଇଁ ଘର, ଖାଦ୍ୟ ନିରାପତ୍ତା, ଉପଯୁକ୍ତ ପୁଷ୍ଟି, ନିର୍ଭରଯୋଗ୍ୟ ସ୍ୱାସ୍ଥ୍ୟସେବା, ସ୍ୱଚ୍ଛ ପାନୀୟ ଜଳ, ଗୁଣାତ୍ମକ ଶିକ୍ଷା ଭଳି ଫ୍ଲାଗସିପ କାର୍ଯ୍ୟକ୍ରମ ଗରିବ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇଦେବା ପାଇଁ ଉଦ୍ଦିଷ୍ଟ। ସମସ୍ତ ଯୋଗ୍ୟ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ହିତାଧିକାରୀଙ୍କ ନିକଟରେ ଏସବୁ ସେବା ଯେପରି ନିଶ୍ଚିତ ପହଞ୍ଚିପାରିବ ସେଥିପାଇଁ ମିଶନ ମୋଡ଼ରେ ଏହାକୁ କାର୍ଯ୍ୟକାରୀ କରାଯାଉଛି। ସମାଜର ତୃଣମୂଳସ୍ତରରେ ସବା ଶେଷ ଲୋକ ପାଖରେ ଯେପରି ଏସବୁ ମୌଳିକ ସେବା ପହଞ୍ଚିପାରିବ ସେଥିପାଇଁ ବିଭିନ୍ନ ଯୋଜନାର ଉପକାରିତା ଏବଂ ଏଥିରେ ଉପଲବ୍ଧ ସୁବିଧା ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଉଛି।

ବିକଶିତ ଭାରତ ସଂକଳ୍ପ ଯାତ୍ରାର ମୂଳ ଆଭିମୁଖ୍ୟ ହେଲା ଅପହଞ୍ଚଙ୍କ ନିକଟରେ ପହଞ୍ଚିବା। ଯେଉଁମାନେ ସରକାରଙ୍କ ବିଭିନ୍ନ ସ୍କିମରେ ଯୋଜନାର ସୁଫଳ ପାଇବାକୁ ହକଦାର ଏବଂ ଯୋଗ୍ୟ କିନ୍ତୁ ଏପର୍ଯ୍ୟନ୍ତ ପାଇପାରିନାହାନ୍ତି ସେମାନଙ୍କ ନିକଟରେ ପହଞ୍ଚିବା, ବିଭିନ୍ନ ଯୋଜନା ବାବଦରେ ସଚେତନତା ସୃଷ୍ଟି କରିବା ଏବଂ ସୂଚନା ପ୍ରଦାନ କରିବା ଏ କାର୍ଯ୍ୟକ୍ରମର ଲକ୍ଷ୍ୟ। ନାଗରିକ ବା ହିତାଧିକାରୀଙ୍କ ଠାରୁ ସେମାନଙ୍କ ବ୍ୟକ୍ତିଗତ ଅନୁଭୂତି ବା ପ୍ରତିକ୍ରିୟା ଜାଣିବା ଏବଂ ଆବଶ୍ୟକ ସ୍ଥଳେ ଯୋଗ୍ୟ ହିତାଧିକାରୀଙ୍କ ପଞ୍ଜୀକରଣ କରିବା ମଧ୍ୟ ଏହି ଯାତ୍ରାର ଉଦ୍ଦେଶ୍ୟ। ଜନଜାତୀୟ ଗୌରବ ଦିବସ ଅବସରରେ ଏହି ଯାତ୍ରା ଆରମ୍ଭ ହୋଇଥିଲା। ଅଧିକ ଆଦିବାସୀ ଜନସଂଖ୍ୟା ଥିବା ଜିଲ୍ଲା ଗୁଡ଼ିକରେ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ଭ୍ରାମ୍ୟମାଣ ଯାନ ଜରିଆରେ ଏ ବିଷୟରେ ଲୋକଙ୍କୁ ସଚେତନ କରାଯିବା ପ୍ରକ୍ରିୟା ଜାରି ରହିଛି। ଦେଶର ସବୁ ଜିଲ୍ଲାକୁ ଏହି ଯାତ୍ରା ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯିବାର ଲକ୍ଷ୍ୟ ରହିଛି।

ଓଡ଼ିଶାରେ ନଭେମ୍ବର ୧୫ ବିର୍ସାମୁଣ୍ଡା ଜୟନ୍ତୀରୁ ଆରମ୍ଭ ହୋଇଥିବା ବିକଶିତ ଭାରତ ସଂକଳ୍ପ ଯାତ୍ରା ଆଦିବାସୀ ଅଧ୍ୟୁଷିତ କୋରାପୁଟ, ମାଲାକାନାଗିରି, କନ୍ଧମାଳ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ବେଶ ସଫଳ ହୋଇଛି। ବର୍ତ୍ତମାନ ଏଲଇଡ଼ି ୱାଇ, ପ୍ରଚାର ପତ୍ର, ସେଲଫି ପଏଣ୍ଟ, ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର ସଚିତ୍ର ସୂଚନା ଥିବା ୭୫ ଭ୍ରାମ୍ୟମାଣ ଯାନ ଓଡ଼ିଶାର ୩୦ ଜିଲ୍ଲାରେ ବୁଲି କେନ୍ଦ୍ର ସରକାରଙ୍କ ବିକାଶମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଉଛି। ଏହି ଅଭିଯାନରେ ଅତିରିକ୍ତ ୩୦ଯାନ ସାମିଲ କରାଯାଇ ମୋଟ ୧୦୫ଟି ଯାନରେ ରାଜ୍ୟର ୩୦ ଜିଲ୍ଲାର ୬୭୯୪ ଗ୍ରାମ ପଞ୍ଚାୟତକୁ ସଚେତନତା ଯାତ୍ରା କାର୍ଯ୍ୟକ୍ରମ ପହଞ୍ଚାଇବାର ଲକ୍ଷ୍ୟ ରହିଛି। ବିକଶିତ ଭାରତ ସଂକଳ୍ପ ଯାତ୍ରା ଅଭିଯାନରେ ପିଏମ ଉଜ୍ଜ୍ୱଳା, କୃଷି ବିଭାଗ, ପିଏମ ଜନଔଷଧି କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ବିଭାଗ, ଡାକ ଏବଂ ବ୍ୟାଙ୍କ ଆଦି ବିଭିନ୍ନ ସ୍କିମର ପ୍ରଚାର ଷ୍ଟଲକୁ ସାମିଲ କରାଯାଇଛି। ପିଏମ ଜନଔଷଧି କାର୍ଯ୍ୟକ୍ରମ ଅଧିନରେ ସାଧାରଣ ଲୋକମାନଙ୍କୁ ସ୍ୱଚ୍ଛ ମୂଲ୍ୟରେ ସିଲିଣ୍ଡର ସହ ଗ୍ୟାସ ସଂଯୋଗ ଏବଂ ଷ୍ଟୋଭ ଗୁଣାତ୍ମକ ଔଷଧ ଯୋଗାଇବାର ବ୍ୟବସ୍ଥା ହୋଇଛି। ହିତାଧିକାରୀ ଏହାର ସୁଯୋଗ ନେଇପାରୁଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ସୁକନ୍ୟା ସମୃଦ୍ଧି ସ୍କିମ, ପିଏମ କିଷାନ ସମ୍ମାନ ନିଧି ଯୋଜନା, ପିଏମ ଉଜ୍ଜ୍ୱଳା, ହର ଘର ଜଲ, ପିଏମ ଆବାସ ଯୋଜନା, ଆତ୍ମନିର୍ଭର ଭାରତ ଆଦି ଯୋଜନାର ହିତାଧିକାରୀ ଏହି ଯାତ୍ରାକାଳରେ ସେମାନଙ୍କ ଅନୁଭୂତି ମଧ୍ୟ ବର୍ଣ୍ଣନା କରୁଛନ୍ତି। କୃଷି କ୍ଷେତ୍ରରେ ଅଧିକ ଉତ୍ପାଦନ ପାଇଁ କୃଷକଙ୍କୁ ତାଲିମ ପ୍ରଦାନ ଲାଗି ଗ୍ରାମ ପଞ୍ଚାୟତ ସ୍ତରରେ ଅଭିଯାନ କାଳରେ ଡ୍ରୋନ ଜ୍ଞାନକୌଶଳର ମଧ୍ୟ ପ୍ରଦର୍ଶନ କରାଯାଉଛି। ଏହା ବ୍ୟତୀତ କାର୍ଯ୍ୟକ୍ରମ ସ୍ଥଳରେ ଜାତୀୟ ଏକତା ଏବଂ ସଂହତି ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସ୍ଥାନୀୟ କଳାକାର ଏବଂ ଅନ୍ୟାନ୍ୟ ସାଂସ୍କୃତିକ ଦଳ ପକ୍ଷରୁ ସୂଚନାଧର୍ମୀ ତଥ୍ୟ ସମ୍ବଳିତ କାର୍ଯ୍ୟକ୍ରମ ପରିବେଷଣ ସହିତ ଜନସାଧାରଣଙ୍କୁ ସଚେତନ କରାଯାଉଛି। ହମାରା ସଂକଳ୍ପ ବିକଶିତ ଭାରତ ହେଉଛି ଏକ ଦେଶବ୍ୟାପୀ ଜନସଚେତନତା ଅଭିଯାନ ଯାହା ମାଧ୍ୟମରେ ସରକାରଙ୍କ ବିଭିନ୍ନ ସ୍କିମ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବା ସହିତ ଯୋଜନାକୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ପଞ୍ଜୀକୃତ କରିବ। ଦେଶ ଏବଂ ବିଭିନ୍ନ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତ, ନଗର ପଞ୍ଚାୟତ ଏବଂ ଅର୍ବାନ ଲୋକାଲ ବଡ଼ିରେ ଏହି ସଚେତନତାର ବାର୍ତ୍ତା ପ୍ରଚାର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବିଶେଷ କରି ବିକଶିତ ଭାରତର ଭିଜନ ବା ଦୂରଦୃଷ୍ଟିକୁ ବାସ୍ତବ ରୂପାୟନ ଦେବା, ସମସ୍ତ ସ୍କିମର ଉପକାରିତା ଯେପରି ସବୁ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରିବ ସେ ବିଷୟ ସୁନିଶ୍ଚିତ କରାଇବା ନିମନ୍ତେ ଏହି ଅଭିଯାନରେ ବିଭିନ୍ନ ମନ୍ତ୍ରଳାୟ / ସରକାରୀ ବିଭାଗ, ରାଜ୍ୟ ସରକାର, କେନ୍ଦ୍ର ସରକାରୀ ସଂସ୍ଥା ସକ୍ରିୟ ଭାବେ ସାମିଲ ହୋଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଗାମୀ ୨୫ ବର୍ଷ ଭିତରେ ଭାରତକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ସାମିଲ ହେବା ଏବଂ ପରସ୍ପର ମଧ୍ୟରେ ସହଯୋଗ ଓ ସହାୟତାର ହାତ ବଢ଼ାଇବା ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ବିଶେଷକରି ଦେଶକୁ ୨୦୪୭ ମସିହା ସୁଦ୍ଧା ବିକଶିତ କରିବା ପାଇଁ ସମସ୍ତେ ନିଜର ସାଧ ଅନୁସାରେ ସହଯୋଗ କରିବା ଏବଂ ନିଜର ଦୂରଦୃଷ୍ଟି ଓ ସାମର୍ଥ୍ୟ ଦେଶ ହିତରେ ବିନିଯୋଗ କରିବାକୁ ବିକଶିତ ଭାରତ ସଂକଳ୍ପ ଯାତ୍ରା ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି କହିଛନ୍ତି। ଏହି ଯାତ୍ରାକୁ ସଫଳ କରିବା କ୍ଷେତ୍ରରେ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

+ ଥାଇଲୋ, ଅଲିକଣ୍ଢା,
ବାଲିକୁଦା,
ଜଗତସିଂହପୁର-୭୫୪୧୦୮
ମୋ: ୭୦୦୮୪୩୮୯୫୯



ଉତ୍ତରଦାୟୀ କରାଯାଉ

ସୌଭାଗ୍ୟ ରଂଜନ ମହାନ୍ତି

ଗୁଜରାଟର ମୋର୍ବିରେ ମାଛଚାଉ ନଦୀରେ ଏକ ସେତୁ ଭୁଶୁଡି ୧୪୦ ଜଣ ମୃତ୍ୟୁ ଘଟିବାର ତିନିବର୍ଷ ପରେ ଏବେ ବଡୋଦରାରେ ମାହିସାଗର ନଦୀରେ ଏକ ୪୦ବର୍ଷର ସେତୁ ଭୁଶୁଡି ପଡିବା ଫଳରେ ଅଧ ଡ୍ରଜନରୁ ଅଧିକ ଗାଡି ନଦୀଗର୍ଭକୁ ଖସି ପଡିବା ସହ ୧୮ଜଣଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଗୁଜରାଟର ମୁଖ୍ୟମନ୍ତ୍ରୀ ସେତୁ ଭୁଶୁଡିବା କାରଣର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ପୁରୁଣା ସେତୁର ରକ୍ଷଣାବେକ୍ଷଣ ପ୍ରତି ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅବହେଳା ନେଇ ସ୍ଥାନୀୟ ବାସିନ୍ଦା ବହୁପୂର୍ବରୁ ଅଭିଯୋଗ କରିଆସୁଥିବା ନେଇ ଅଭିଯୋଗ ହୋଇଛି। ଏହା ନିସନ୍ଦେହ ଯେ, ସେତୁ ଭୁଶୁଡି ଏବଂ ବହୁ ଧନଜୀବନ ହାନୀ ଆମ ଦେଶରେ ନୂଆ ନୁହେଁ। ଭାରତରେ ସେତୁ ଭୁଶୁଡି ନେଇ ଆନ୍ତର୍ଜାତିକ ପତ୍ରିକା ଷ୍ଟକରେ ଆଣ୍ଡ ଇନ୍‌ଫ୍ରାଷ୍ଟକଚର ଇଞ୍ଜିନିୟରିଂ ୨୦୨୦ ଅକ୍ଟୋବରରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଥିଲା ଯେ, ୧୯୭୭ ରୁ ୨୦୧୭ ମଧ୍ୟରେ ଅର୍ଥାତ ଚାରି ଦ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୧୪ ଜୁଲାଇ ସୋମବାର, ୨୦୨୫

ଗଳ୍ପଧାରା

ସାପ୍ତାହିକ ଗଳ୍ପ ପର୍ଦ୍ଦା

ଜ୍ୟୋସ୍ନା ମିଶ୍ର (ପାଣିଗ୍ରାହୀ)

ତିରିଲା ତିଥିର ତିଳୋତ୍ତମା



ପ୍ରେମର ପରିସର ଓ ପରିଭାଷା ଏତେ ସଂକୀର୍ଣ୍ଣ ନୁହେଁ । ପ୍ରେମରେ କୌଣସି ପ୍ରତ୍ୟାଶା ନାହିଁ। ପ୍ରେମ ଭୟଶୂନ୍ୟ। ପ୍ରେମରେ କୌଣସି ଲକ୍ଷ୍ୟ ନାହିଁ । ପ୍ରେମ ଅନ୍ୟ କିଛି ପାଇବାର ଉପାୟ ହୋଇନପାରେ। ପ୍ରେମ ହିଁ ପ୍ରେମର ଲକ୍ଷ୍ୟ। ପ୍ରେମର ମୃତ୍ୟୁ ନଥାଏ ବରଂ ମୃତ୍ୟୁକୁ ଜୟ କରିବାର ଶକ୍ତି ଅଛି ପ୍ରେମରେ। ପ୍ରେମ ଅମୃତ!! ହୃଦୟ, ମସ୍ତିଷ୍କର ନୀତି ନିୟମ, ଯୁକ୍ତି କିଛି ମାନେ ନାହିଁ । ଆଉ ଅନେକ ନିଜ ହୃଦୟକୁ ମଧ୍ୟ ଚିହ୍ନି ପାରନ୍ତି ନାହିଁ । ନା ଆଦ୍ୟ କୈଶୋରର ସେ କଚ୍ଚି ପ୍ରଜାପତି ଧରା ଖେଳବେଳେ ନା' ଉତ୍ତୀର୍ଣ୍ଣ ବୟୟରେ ଏଇ ବାଲୁକା ବେଳାଭୂମିରେ ବସି ଲହରୀ ଗଣିବା ବେଳେ। ତିଳୋତ୍ତମା ଚୁପ୍ ହେଇ ବସି ଭାବୁଥିଲା। ଏତେଦିନ ପରେ ହଠାତ କାହିଁକି ଶେଖର ଏଠାକୁ ଆସିବ ବୋଲି ତାକୁ ଜଣେଇଛି ? ଯେବେ ସେ ତାକୁ ଖୁବ୍ ଚାହୁଁ ଥିଲା, ସବୁବେଳେ ନିଜ ଚାରିପାଖରେ ସେ ଘୂରିବୁଲୁଥିବ ବୋଲି ଭାବିଥିଲା, ସେତେବେଳେ ତ ସେ ପଳେଇଥିଲା। କେତେ ସେ ତାକୁ ଖୋଜିଥିଲା। ମନେ ପକଉଥିଲା ସେଇ ସବୁ ନିଦହଜା ଦିନର କଥା। କେତେ ମଧୁମୟ ଥିଲା ସେ ଦିନ ସବୁ। ତା' ହସର ହିଲ୍ଲୋଳରେ ଆସୁଥିଲା ମୋର ସୁନାଝରା ସକାଳ। ତା ଆଖିର ଗଭୀର ଚାହାଣୀରେ ନିଦ ଆସୁଥିଲା ମୋ ଆଖିକୁ। ମୋ ଓଠର ଉପକୂଳରେ ସେ ସାଜିଥିଲା ଉଡନ୍ତା ଭ୍ରମର। ଛାତି ତଳଲ ସ୍ୱପ୍ନିଳ କମ୍ପନ ଥିଲା ସେ। ହେଲେ ତାପରେ ଏ କଣ କଲା ?

ତାର ପ୍ରତାରଣାର ବର୍ଚ୍ଛାଘାତରେ ମୁଁ ରକ୍ତାକ୍ତ। ଛଳନାର ଭୂତାଣୁରେ ଭରପୂର ତା ହୃଦୟର ନିଃଶ୍ୱାସ ପ୍ରଶ୍ୱାସ ମୋତେ ବୈଶାଖୀର ଝାଞ୍ଜି ପରି ଆକ୍ରାମାକ୍ତା କରିଛି । ମନ ନୁହେଁ, ରୁଧିରାକ୍ତ ହେଇଛି ମୋର ଆତ୍ମା।

ଶରୀର ନୁହେଁ : କ୍ଷତାକ୍ତ ହେଇଛି ମୋର ସତ୍ତା। ହେଲେ ନା ଅଛି ମୋ ଭିତରେ ଅଭିଯୋଗ; ନା ଅଛି ଅନୁଯୋଗ। ନା ମୋ ଭିତରେ ଅଛି ଯନ୍ତ୍ରଣା; ନା ଅଛି ଜ୍ୱଳନ। ନା ଅଛି ଅଭିଶାପ; ନା ଅଛି ଘୃଣା। ମୁଁ ଯେ ତମକୁ ଦିନେ ମନ ଦେଇଥିଲି; ସେଇ କଥା ହିଁ ମନରେ ଅଛି। ମୋ ଶବ୍ଦରେ ତମେ; ମୋ ସ୍ମୃତିରେ ତମେ ମୋ ସ୍ୱରରେ ତମେ; ମୋ ଗୀତରେ ତମେ ମୋ ପାଇଁ ସତ୍ୟ-ଶିବ-ସୁନ୍ଦର କେବଳ ତମେ, ତମେ, ଆଉ ତମେ। ସେଥିପାଇଁ ତ ଏଇ ଗୋଟିଏ ସ୍ଥାନରେ ମୁଁ ରହିଛି, ଯେମିତି ଏଇ ବିଶାଳ ଧାନକ୍ଷେତରେ କଣିକିଆ ହେଇ ଠିଆ ହେଇଥିବା ଅସହାୟ ତାଳଗଛ !

କଲେଜଦିନର ମନ ଦିଆନିଆ ସାଙ୍ଗ, ଶେଷରେ ଜୀବନସାଥୀ ହେଇଥିଲେ।

ନିଜର ପ୍ରେମର ସଫଳତାରେ ସେମାନେ ବେଶ୍ ଉତ୍‌ଫୁଲ୍ଲିତ ଥିଲେ। ଘରେ ତ ସମସ୍ତେ ରାଜି ଥିଲେ। ତେଣୁ କିଛି ବି ଅସୁବିଧା ନଥିଲା। ଶୀଘ୍ର ବି ସେମାନେ ବାପା, ମା ହେଇଥିଲେ। ଏବେ ଶେଖରକୁ ଜୀବନଟା ଖାଲି ସେରେଲାକ୍, ଅମୁଲସ୍ପ୍ରେ, ଡାଏପର୍ ଆଉ ଭାକ୍ସିନ୍ ଭଳି ଲାଗୁଥିଲା ।

କୁଆଡେଗଲା ତାର ପ୍ରେମର ଦେବୀ, ଆଫ୍ରୋଡିସ୍। ତିଳୋତ୍ତମା ଆଜିକାଲି ଖୁବ ବଦଳିଗଲା ଭଳି ଲାଗୁଥିଲା। ସମସ୍ତଙ୍କ ପାଇଁ ତା ପାଖରେ ସମୟ ଥିଲା, ହେଲେ କେବଳ ତା ପାଇଁ ନଥିଲା। ନିଦଭଙ୍ଗା ମଝିରାତିରେ ଯଦି ସେ ଯାଇ ତା ପାଖରେ ଶୋଇ ପଡୁଥିଲା ତ' ସେ ସାଙ୍ଗେସାଙ୍ଗେ ଚିଲେଇ ଉଠୁଥିଲା, ପୁଅ ଉପରେ ତମ ଗୋଡ ପଡିବ, ହାତ ପଡିବ ଆଦି। ସେ ରାଗିକି ଆର ଖଟକୁ ଶୋଇବାକୁ ଚାଲିଯାଏ ।

ଏତିକିବେଳେ ତାଙ୍କ ଅଫିସକୁ ଆସିଥିଲା ପ୍ରିୟମ୍ବଦା। ତିରିଶ ଉପରେ ବୟସ ହେଇଥିଲେ ବି ଲାଗେ ଯେମିତି ତେଇଶ ଚବିଶବର୍ଷର ତରୁଣୀ। ତାର ବବ୍‌କଟ ହେୟାର ମାନିକିୟୋରଡ୍ ନେଲ୍ , ହାଲ୍କା କଲରର ଲିପଷ୍ଟିକ୍, ତାର ମିଠା ପରଫ୍ୟୁମ୍ ଏସବୁ ଅଫିସର ସବୁଦିନର ହଟ୍ ଟପିକ୍ ଥିଲା। ହେଲେ ପ୍ରିୟମ୍ବଦା କେବଳ ତାକୁ ଛାଡି ଆଉ କାହା ସହ କଥା ହୁଏନି। ଆସ୍ତେଆସ୍ତେ ସେ ତା ନିକଟତର ହେଉଥିଲା।

ସେମାନେ ସାଙ୍ଗରେ କାଣ୍ଟିନରେ ବସି ଲଞ୍ଚ କରୁଥିଲେ। ତିଳୋତ୍ତମାର ହାତରନ୍ଧାର ତ ସେ ସବୁଦିନ ବହୁତ ତାରିଫ୍ କରେ। ଦିନେ ସେ କହିଲା, ଆପଣ ତ ସବୁଦିନ ଅପାଙ୍କ ହାତରନ୍ଧା ଖାଉଛନ୍ତି। ଥରେ ଆମ ଘରକୁ ଆସନ୍ତୁ । ମୋ ହାତରେ ଯାହା ବନେଇବି, ଟିକେ ଚାଖିବେ ।

ତାର ଏତେ ଆନ୍ତରିକତାର ନିମନ୍ତ୍ରଣକୁ ଏଡାଇ ହେଲାନି । ସେଇ ଯେ ଥରେ ସେ ତା ହାତରନ୍ଧା ଚଖେଇବାକୁ ଡାକିଲା, ତା ପର ଠୁ ଆଉ ସେ ଡାକକୁ ଅପେକ୍ଷା କରିନି। ସବୁଦିନ ସଂଧ୍ୟାରେ ତାକୁ ତା ଭଡାଘରେ ଛାଡିବା ସହ ସଂଧ୍ୟାବେଳଟା ସେଇଠି ରହିକି ରାତିରେ ଘରକୁ ଫେରେ । ତା ଛଡା ଦିନରେ ତ ତା ସହ ଭଲରେ କଥା ହେବାକୁ ବି ବେଳ ନଥିଲା। ଭଲ ମା, ଭଲ ବୋହୂ, ଭଲ ମାଲିକାଣୀ ହବାରେ ତାର ସବୁ ସମୟ ସରିଯାଉଥିଲା। ଦିନସାରାର ଖଟଣି ପରେ ରାତିରେ ବିଛଣାରେ ପଡିଲା ମାତ୍ରେ ନିଦ ସାଙ୍ଗେସାଙ୍ଗେ ତାକୁ ଆସିଯାଏ ।

ବିରକ୍ତ ହେଇ ଶେଖର ଶୋଇବା ପାଇଁ ଚେଷ୍ଟା କରେ ତ କେବେ ବହି ଧରି ପଢିବା ପାଇଁ ବସେ । ସେଇ ସମୟରେ ଯଦି କେବେ ପ୍ରିୟମ୍ବଦା ଫୋନ୍ କରେ ତ, ସେ ବହୁତ ରିଲାକ୍ସ ଫିଲ୍ କରେ । ତା ସହ ଗପୁଗପୁ କେତେବେଳେ ଯେ ତା ଆଖିରେ ନିଦ ଆସିଯାଏ, ସେ ଜାଣିପାରେନି । ବାୟ ପ୍ରିୟା, ଗୁଡ୍‌ନାଇଟ୍ କହି ଶୋଇପଡେ।

ଆଉ ଏବେ ସବୁବେଳେ ସେ ତାକୁ ପ୍ରିୟା ହିଁ ଡାକେ। ସେ ଜାଣି ପାରିନି ତିଳ ପାଖରୁ ଦୂରେଇ ଯାଇ ସେ ଯେ କେବେ ପ୍ରିୟାର ପଣତ ତଳେ ବାନ୍ଧି ହେଇଯାଇଛି। ଅଫିସରେ କାମ ଅଛି କହି ସେ ଅନେକ ସମୟରେ ପ୍ରିୟା ଘରେ ହିଁ ରହି ଯାଉଥିଲା। ସେଇ ହାତରନ୍ଧା ଖୁଏଇବାକୁ ଡାକି, ତାକୁ ସେ ଏମିତି ନିଜର ଭଳି ଆପ୍ୟାୟିତ କଲା ଯେ, ସେ ଆଉ ଫଛକୁ ଫେରି ଚାହିଁନି । ଯେତେବେଳେ ହଠାତ ପ୍ରିୟା ତାକୁ ବାହା ହବା ପାଇଁ କହିଲା ତ ସେ ଚମକି ପଡିଲା ।

କଣ ପାଇଁର ଉତ୍ତରରେ ଯେତେବେଳେ ପ୍ରିୟା ମା' ହବାକୁ ଯାଉଛି ବୋଲି ଜଣେଇଲା, ସେ ହତବାକ୍ ହେଇଗଲା। କଣ କରିବ ଏବେ ସେ। ମା ତ ଶୁଣିବା ପରେ ରାଗରେ ଘର ଉଠେଇଲା ପକେଇଲା। ଗମ୍ଭୀର ହେଇ କହିଦେଲା ଯାହା କରୁଛୁ କର। କିନ୍ତୁ ଖବରଦାର, ସେ ଝିଅ ମୋ ଘର ଭିତରେ ପଶି ପାରିବନି। ରାଗରେ ତାକୁ ଜୀବନରେ ମାରିଦବାର କଥା ବି କହୁଥିଲା । ସେ ସେଠୁ ଚୁପ୍ କି ତିଳର ରୁମକୁ ପଶିଗଲା।

ଅନେକଦିନ ପରେ ଆଜି ସେ ତିଳକୁ ଦେଖି ବିରକ୍ତ ହେଉନଥିଲା। କେମିତି କଥା ଆରମ୍ଭ କରିବ ଭାବି ହେଉଥିଲାବେଳେ ତିଳୋତ୍ତମା ହିଁ ପ୍ରଥମେ କଥା ଆରମ୍ଭ କଲା।

କେବେଠୁ ଆରମ୍ଭ ହେଲାଣିର ଉତ୍ତରରେ ସେ କହିଲେ, 'ତମେ ମତେ ସନ୍ଦେହ କରୁଛ, ସନ୍ଦେହ, ଅବିଶ୍ୱାସ ପଶିଲେ ସମ୍ପର୍କରେ ଘୁଣଖିଆ ପୋକ ଲାଗିଯାଏ।' ଦେଖ, ତିଳୋତ୍ତମା କହିଲା, ତମକୁ ମୁଁ ତ କେବେ ବି ଅବିଶ୍ୱାସ କରିନି। ମୁଁ ଯାହା ଯେମିତି, ସେମିତି ହିଁ ଅଛି। ହେଲେ ତମେ ମତେ ଦୂରେଇ ଦେଇଛ। ମୁଁ ସବୁ ଜାଣିବା ପରେ ବି ଚୁପ୍ ରହିଛି କେବଳ ପିଲାଙ୍କ ପାଇଁ। ମୋ ପିଲାମାନଙ୍କୁ ଏବେ ମଣିଷ କରିବା ଦାୟିତ୍ୱ ମୋର।

ତୁମ ପ୍ରତି ମୋର କୌଣସି ଅଭିଯୋଗ ନାହିଁ । ଯୁଆଡେ ତୁମର ମନ ହେଉଛି, ସିଆଡେ ଯାଅ। ମୋ ସହ ତମର ସମ୍ପର୍କ ଆଜି ଠୁ ଶେଷ । ତୁମଠୁ ଫଟା ପାହୁଲାଟାଏ ବି ମୁଁ ଚାହେଁନି। ତିଳୋତ୍ତମାର ରୋକଠୋକ୍ କଥାରେ ଶେଖର ଆଜି ଆଉ ରାଗୁନଥିଲା। ଚୁପ୍‌ଚାପ୍ ପଳେଇ ଆସିଥିଲା ।

ଏପଟେ ତିଳୋତ୍ତମା ଭାବୁଥିଲା, ଆଜି ନହେଲେ କାଲି ଶେଖର ନିଶ୍ଚୟ ତା ପ୍ରେମ ଆଉ ବିଶ୍ୱାସକୁ ଖୋଜିବ। ଗୋଟେ ପତ୍ନୀ ଆଉ ଭାରତୀୟ ଝିଅ ହିସାବରେ ସେ କେବଳ ଏତିକି ଗୁଣୁଗୁଣଉ ଥିଲା, ଆମ ପରି ରକ୍ଷଣଶୀଳ ପରିବାରର ଝିଅ ମାନେ କେବେବି ପସନ୍ଦ କରିବେନି ଜଣେ ବିବାହିତ ପୁରୁଷର ରକ୍ଷିତା ହେବା ପାଇଁ। ହେଲେ କଣ ହବ, ସମୟ ହିଁ ଜଣେଇବ ଭାବି ସେ ଚୁପ୍ ହେଇ ରହିଥିଲା ।

ଏହା ଭିତରେ ସଂଘର୍ଷ କରି ଜୀବନ ଜିଉଥିବା ତିଳୋତ୍ତମା ବହୁତ ସଫଳ ହେଇଥିଲା। ହାତରେ ମସଲା ଗୁଣ୍ଡ କରି ଘର ଘର ବୁଲି ବିକ୍ରି କରିବା ଦିନ ଯାଇସାରିଛି। ଏବେ ସେ ଗୋଟେ ବଡ ମସଲା ଗୁଣ୍ଡ କମ୍ପାନିର ମାଲିକ। ଶହେରୁ ବେଶି ଲୋକ ତା କମ୍ପାନିରେ କାମ କରୁଛନ୍ତି। ଦେଶ ସହ ବିଦେଶକୁ ବି ତା କମ୍ପାନି ମସଲା ସପ୍ଲାଏ କରୁଛି। ପିଲାମାନେ ନିଜ ନିଜ ଜୀବନରେ ବ୍ୟସ୍ତ। ଖୁବ ଭଲରେ ଅଛନ୍ତି। ତିଳୋତ୍ତମାକୁ ତ କମ୍ପାନୀ କାମରୁ ଫୁରସତ୍ ନାହିଁ।

ଏବେ ଏଇ କମ୍ପାନୀ ହିଁ ତା ଜୀବନର ସବୁକିଛି। ମଝିରେ ଥରେ କିଏ କହୁଥିଲା ଶେଖର କଥା। ଯେଉଁ ପ୍ରିୟମ୍ବଦା ପାଇଁ ସେ ସେମାନଙ୍କୁ ଛାଡି ଦେଇଥିଲା, ସେଇ ତାର ଅତି ଆଦରର ପ୍ରିୟା ତାକୁ କୁଆଡେ ଗଳାଧକ୍କା ଦେଇ ଘରୁ ବାହାର କରିଦେଇଥିଲା ନିଜର ସମସ୍ତ ପୁଞ୍ଜି ତଥା ବ୍ୟାଙ୍କରୁ ମୋଟାରକମର ଅର୍ଥ ଋଣ ଆଣି ଶେଖର ସେ ଘରଟା ବନେଇଥିଲା । ଘରର ଦଲିଲ୍ ସହ ଜମି ପଟା ସବୁକିଛି ସେ ପ୍ରିୟମ୍ବଦା ନାଁରେ ହିଁ କରିଥିଲା ।

ଦଶବର୍ଷର ପ୍ରେମ-ପ୍ରଣୟ, ଘର ହାତେଇନେବା ପରେ ଶେଷ ହେଇଥିଲା। ପ୍ରିୟମ୍ବଦା ଆଉ କାହା ସହ ସେହି ଘରେ ହିଁ ରହୁଥିଲା। ଶେଖର ସେ ସହର ଛାଡି ଅନ୍ୟ କୁଆଡେ ଚାଲିଯାଇଯାଇଥିଲା ବୋଲି ବି ଖବର ପାଇଥିଲା। ହେଲେ ତା ବିଷୟରେ ଭାବିବା ପାଇଁ ବି ବେଳ ନଥିଲା ତିଳୋତ୍ତମା ପାଖରେ। ଏମିତିରେ କୋଡିଏ ବର୍ଷ ବି ବହୁତ ଅଧିକ ଜଣକୁ ଭୁଲିଯିବା ପାଇଁ। ଭୁଲି ଯାଇ ସେ ଭଲରେ ଅଛି।

ଏବେ ସେ ବୁଝି ସାରିଛି, ନିଜେ ନିକୁ ଭଲ ପାଇବା ହିଁ ଶ୍ରେଷ୍ଠ ପ୍ରେମ। ନିଜ ଅନ୍ତରରେ ଥିବା ପରମାତ୍ମା ହୁଅନ୍ତୁ ବା ନିଜର ବିବେକ, ସେ ହିଁ ପରମ ପ୍ରିୟତମ। ଆଉ ସବୁ ଅଢ଼େଇ ଦିନିଆ। ହେଲେ ଶେଖର ତାକୁ ଦେଖା କରିବାକୁ କାହିଁକି ଚାହୁଁଛି ? କାହିଁକି ? କାହିଁକି ? ଶୁଭ କାମନା, ଶୁଭେଚ୍ଛା ଢେର୍ ସାରା ଆପଣଙ୍କୁ ।


+ ଫକୀରମୋହନ ନଗର, ଆଇଟିଆଇ ଛକ, ବାଲେଶ୍ୱର-୧, ମୋ : ୮୨୬୦୦୪୩୬୯୨

ଏଇତ ଜୀବନ

ବିନୋଦିନୀ ଗନ୍ତାଏତ

ସର୍ବଦା ଚଳଚଞ୍ଚଳ ଓ କର୍ମରତ ଶାନ୍ତାଦେବୀଙ୍କର ବୟସାଧିକ୍ୟ ହେତୁ ଚଳପ୍ରଚଳ କରିବାରେ ସମସ୍ୟା ହେଉଛି । ବୟସ ଆଗରେ ହାରିଯିବା ମଣିଷ ନୁହନ୍ତି ସେ , ଶାରୀରିକ ଅସୁସ୍ଥତା ମଧ୍ୟ କିଛି ନାହିଁ,କିନ୍ତୁ ଶରୀରଟା ଆଉ ସହଯୋଗ କରୁନି ଚଲାବୁଲା କିମ୍ବା କାମଦାମ କରିବାରେ। ଆତ୍ମନିର୍ଭରଶୀଳ ମଣିଷଟିଏ ସେ। ନିଜ କାମ ପାଇଁ ଅନ୍ୟର ସାହାଯ୍ୟ ନେବାକୁ ପସନ୍ଦ କରନ୍ତିନି । ଆଜି ମଧ୍ୟ ଦୃଢ ମନୋବଳ ନେଇ ଚେଷ୍ଟା କରନ୍ତି ନିଜ କାମ କରିବାକୁ, ଝୁରନ୍ତି ବିଗତ ଦିନକୁ । କିନ୍ତୁ ବେଳେବେଳେ ନିଜ ମନକୁ ମାରି ପରିସ୍ଥିତି ସହିତ ବୁଝାମଣା କରିବାକୁ ପଡେ । ଜୀବନର ବାସ୍ତବତାକୁ ସାମ୍ନା କରି ବଞ୍ଚିବାକୁ ହୁଏ । ପାଖରେ ରହୁ ନ ଥିବାରୁ ପିଲାମାନଙ୍କର ସବୁବେଳେ ମା' ଙ୍କ ପାଇଁ ଚିନ୍ତା । ଜଣେ ନର୍ସଙ୍କୁ ରଖା ଯାଇଚି ଶାନ୍ତାଦେବୀଙ୍କୁ ସାହାଯ୍ୟ କରିବା ପାଇଁ। ନର୍ସଟିକୁ କଡା ନିର୍ଦ୍ଦେଶ ମା'ଙ୍କ ଯତ୍ନ ନେବାରେ ଯେମିତି ଟିକିଏ ବି ହେଳା ନ ହୁଏ ।

ଶାନ୍ତାଦେବୀଙ୍କ ଜୀବନର ଗତି ସିନା ଧିମେଇ ଯାଇଚି , ସମୟଟା ତ ଅବିରାମ ଗତିରେ ଚାଲିଛି । ସମୟ ସହିତ ତାଳ ଦେଇ ଋତୁ ଚକ୍ରର ଆବର୍ତ୍ତନ ମଧ୍ୟ ହେଉଚି । ଖରା, ବର୍ଷା , ଶୀତ ଗୋଟିଏ ପରେ ଗୋଟିଏ ଋତୁ ଧରା ପୃଷ୍ଠକୁ ଆସି ନିର୍ଦ୍ଧାରିତ ସମୟ ପରେ ଫେରି ଯାଉଚନ୍ତି । ଯିବା ଆସିବା ତ ପ୍ରକୃତିର ନିୟମ । କିନ୍ତୁ କେଉଁ ଋତୁଟା କାହାର ପ୍ରିୟ , ତାହା ନିର୍ଭର କରେ ମଣିଷର ମନ ଉପରେ । ଠିକ ଯେମିତି ବର୍ଷା ଋତୁଟା ପ୍ରତି ଶାନ୍ତାଦେବୀଙ୍କ ମନରେ ଅଛି ଅନେକ ଦୁର୍ବଳତା । ପିଲାଦିନୁ ଭଲପାନ୍ତି ବର୍ଷା ଦିନକୁ । ମା'ଙ୍କର ସବୁ ଆକଟ ସତ୍ତ୍ୱେ ବର୍ଷାରେ ଓଦା ହୁଅନ୍ତି । ଦୀର୍ଘ ସମୟ ଧରି ଚାହିଁ ରହନ୍ତି ଆକାଶରୁ ପଡୁଥିବା ବର୍ଷା ଜଳକୁ ।



ଅଦ୍ଭୁତ ଆନନ୍ଦ ମିଳେ ତାଙ୍କୁ । ତା'ବ୍ୟତିତ ଘର ଦାଣ୍ଡରେ ଯାଉଥିବା ଜଳ ସ୍ରୋତରେ କାଗଜ ଡଙ୍ଗା ଭସେଇବା, ଛତା ଥାଇ ମଧ୍ୟ ସ୍କୁଲରୁ ଓଦା ହେଇ ଫେରିବା ,ବର୍ଷା ପାଣିକୁ ଆଞ୍ଜୁଳାରେ ଧରିବାକୁ ଚେଷ୍ଟା କରିବା, ତାଙ୍କର ପ୍ରିୟ କାମ ଥିଲା ।

ଆଜି ମଧ୍ୟ ନିଜ ଶୋଇବା ଘରର ଝରକା ପାଖରେ ବସି ବର୍ଷାକୁ ଉପଭୋଗ କରନ୍ତି । ମନେ ପକାନ୍ତି ପିଲାଦିନର କଥା ସବୁ । ସେଦିନ ଏକ ବର୍ଷଣ ମୁଖର ଦିପ୍ରହରରେ ସେ ବସିଥିଲେ ଝରକା ପାଖରେ । ସକାଳୁ ଅନବରତ ବର୍ଷୁ ଥିଲା । ଧୀରେଧୀରେ ବର୍ଷାର ବେଗ ବଢିଲା । ବର୍ଷାର ବେଗ ସହିତ ତାଳ ଦେଇ ,ଜୀବନ୍ତ ହେଉଥିଲା ପିଲାଦିନର ସ୍ମୃତି । ସେ ଭୁଲି ଯାଉଥିଲେ ନିଜ ବୟସ ଓ ଶାରୀରିକ ଅକ୍ଷମତା ବିଷୟରେ । ବର୍ଷା ଯେମିତି ହାତ ଠାରି ଡାକୁଥିଲା ତାଙ୍କୁ । ସେ ଆଉ ସମ୍ଭାଳି ପାରିଲେନି ନିଜକୁ । ଶୋଇବା ଘରୁ ବାହାରି ଆସି ପହଞ୍ଚିଲେ ଦାଣ୍ଡ ବାରଣ୍ଡାରେ । ନର୍ସଟିର ଅନୁପସ୍ଥିତିର ସୁଯୋଗ ନେଇ ଧୀର ପାଦରେ ଓହ୍ଲାଇ ଗଲେ ବାରଣ୍ଡା ତଳକୁ । ଆଖିରେ ଥିଲା ପିଲାଦିନର ଦୁଷ୍ଟାମି । ଝରି ପଡୁଥିବା ବର୍ଷା ପାଣିରେ ଓଦା ସଡସଡ ହେଇ ଯାଇଥିଲେ ଶାନ୍ତାଦେବୀ ।ସେ ଆଡକୁ ନଜର ନାହିଁ । ଆଞ୍ଜୁଳାରେ ଧରି ରଖିବାକୁ ଚେଷ୍ଟା କରୁଥିଲେ ବର୍ଷା ପାଣିକୁ । ଲଇଁ ପଡି ହାତରେ ଅଟକାଉ ଥିଲେ ବୋହି ଯାଉଥିବା ପାଣି ସୁଅକୁ ତ ପୁଣି କେତେବେଳେ ପାଣିରେ ହାତ ବାଡେଇ ଛମଛମ ଶବ୍ଦ ସୃଷ୍ଟି କରୁଥିଲେ ଓ ତା'ର ମଜା ନେଉଥିଲେ। ଓଃ; କି ଖୁସି । କିଏ କହିବ ଇଏ ବାର୍ଦ୍ଧକ୍ୟ ପୀଡ଼ିତା ଶାନ୍ତାଦେବୀ ବୋଲି । ବର୍ଷା ଜଳ ଯେପରି ଧୋଇ ଦେଇଥିଲା, ତାଙ୍କ ଶରୀରର ନିସ୍ତେଜତା ଓ ଅକ୍ଷମତାକୁ ।

ହଠାତ ନର୍ସଟି ଚାଲି ଆସିଲା ବାହାରକୁ । ଏ ଦୃଶ୍ୟ ଦେଖି ଏକପ୍ରକାର ଚିତ୍କାର କରି କହିଲା, ମା; ଏ କଣ କରୁଚନ୍ତି ଆପଣ । କ'ଣ ଦିନକୁ ଦିନ ପିଲା ହେଇ ଯାଉଚନ୍ତି । ଆପଣ ତ ବେମାର ପଡିବେ, ମୋର ଚାକିରି ଖଣ୍ଡକ ମଧ୍ୟ ଯିବ । ଆହୁରି କେତେ କଥା କହି ଚାଲିଥିଲା ନର୍ସଟି ଓ ଶାନ୍ତାଦେବୀଙ୍କୁ ଛୁଆଟିଏ ପରି ଦୁଇ ହାତରେ ଉଠାଇ ଆଣିଲା ବାରଣ୍ଡା ଉପରକୁ । ନର୍ସ ର କୌଣସି କଥା ଶୁଣା ଯାଉନଥିଲା ଶାନ୍ତାଦେବୀଙ୍କ କାନକୁ । କାରଣ ସେ ଫେରି ଯାଇଥିଲେ ବହୁତ ପଛକୁ, ଅତୀତକୁ । ସେ ଏବେ ବୃଦ୍ଧା ଶାନ୍ତା ଦେବୀ ନୁହନ୍ତି, ବର୍ଷାକୁ ଭଲ ପାଉଥିବା ତୁଲବୁଲି ଝିଅଟିଏ । ସ୍ୱଳ୍প ସମୟ ପାଇଁ ହେଉ ପଛେ, ନିଜ ଭିତରେ ଲୁକ୍କାୟିତ ଥିବା ପିଲା ମନଟିକୁ ଉଜ୍ଜୀବିତ କରିଥିଲେ । ତାଙ୍କ ଆଖିରେ ଖୁସିର ଝଲକ ଓ ମୁହଁରେ ସନ୍ତୋଷ ଭାବ ସ୍ପଷ୍ଟ ବାରି ହେଇ ପଡୁଥିଲା ।

+ମୋ: ୯୯୩୮୦୦୫୫୯

ଠିକ୍ ଭୂଲ୍

ଘନଶ୍ୟାମ ପଲେଇ



ହଠାତ୍ ରେଲୱେ ଷ୍ଟେସନରେ ଜଣେ ମହାନ ଲେଖିକାଙ୍କ ସହ ଦେଖା ହେବ ବୋଲି ଭାବି ନଥିଲି। ସେ ରହନ୍ତି ସୁଦୂର ଦିଲ୍ଲୀରେ। ତାଙ୍କର ଅନେକ ଲେଖା ମୁଁ ପଢିଛି। ସେ ଓଡିଆ ହେଲେ ବି ହିନ୍ଦୀ ଭାଷାରେ ଅଧିକ ଲେଖାଲେଖି କରନ୍ତି। ଜଣେ ମହାନ ଲେଖିକାଙ୍କୁ ପାଖରୁ ଦେଖି ଅଭିଭୂତ ହେବା ସହ ପଚାରିଦେଲି --- ଆପଣ ପ୍ରତିମା ମାଡାମ ନା... ଯିଏ କି ହିନ୍ଦୀ ଆଉ ଓଡିଆରେ ଲେଖାଲେଖି କରନ୍ତି..।

ସିଏ ମୋ ଆଡକୁ ଆଚମ୍ବିତ ହେଇ ଘଡିଏ ଅନେଇ କହିଲେ—ହଁ... ହଁ ହେଲେ ଆପଣ ମୋତେ ଚିହ୍ନନ୍ତି....

--- ହଁ ମାଡାମ୍! ଆପଣ ମୋ ଫେସବୁକ୍ ଫ୍ରେଣ୍ଡରେ ଅଛନ୍ତି।

--- ଆଚ୍ଛା... ହଉ ହଉ.. ଆପଣ ବି ଲେଖା ଲେଖି କରନ୍ତି ବୋଧେ..?

ମୁଁ କହିଲି – ହଁ ମାଡାମ୍... ହେଲେ ଆପଣଙ୍କ ଭଳି ଜଣେ ବଡ ଲେଖକ ନୁହଁ। ନିଜ ଖୁସି ପାଇଁ ବେଳେବେଳେ ଲେଖେ। ହେଲେ ମୁଁ ଜଣେ ଭଲ ପାଠକଟିଏ।

ତାଙ୍କ ଟ୍ରେନ ଆସି ଯାଇଥିଲା। ତେଣୁ ବ୍ୟାଗପତ୍ର ଧରି ଚଢିଲା ବେଳେ କହିଲେ। ମେସେଞ୍ଜରରେ ଯାଇ ହାଇ ଲେଖି ଦେବେ... ମୁଁ ଫୋନ ନମ୍ବର ଦେବି କଥା ହେବା... ସାହିତ୍ୟ ଚର୍ଚ୍ଚା କରିବା।

ମୁଁ ତାଙ୍କ ଯିବା ବାଟକୁ ଚାହିଁ ରହିଥିଲି, କାରଣ ମୋ ଟ୍ରେନ ନିର୍ଦ୍ଧାରିତ ସମୟର ଘଣ୍ଟାଏ ବିଳମ୍ବରେ ଚାଲୁଛି। ଆସିବାକୁ ସମୟ ଲାଗିବ। ଷ୍ଟେସନ ବେଞ୍ଚରେ ଯାଇ ଆରମ କରୁ କରୁ ମେସେଜ କରିଦେଲି - ମାଡାମ ନମସ୍କାର... ଆଜି ଷ୍ଟେସନରେ ଭେଟ ହେଇଥିଲା...।

ଘରକୁ ପହଞ୍ଚି ମେସେଞ୍ଜର ଖୋଲି ଦେଖେତ ପ୍ରତିମା ମାଡାମ ଲେଖିଥିଲି – ହାଇ। ମୋ' ମୋବାଇଲ ନମ୍ବର ...। ଫ୍ରୀ ହେଲେ କଲ କରିବେ ନ ହେଲେ ହ୍ୱାଟସପ କରିବେ।

ସଞ୍ଜରେ ଫ୍ରୀ ହୋଇ ପ୍ରଥମେ ହ୍ୱାଟସପ କଲି- ମାଡାମ୍.. ଗତ କାଲି ଷ୍ଟେସନରେ ଭେଟ ହେଇଥିଲା। ଆଉ ମୋ' ପରିଚୟକୁ ପ୍ରମାଣିତ କରିବାକୁ ଷ୍ଟେସନରେ ତାଙ୍କ ସହ ଉଠେଇଥିବା ସେଲ୍ଫିଟିକୁ ଛାଡିଦେଲି। ମାତ୍ର ସେପଟୁ ଉତ୍ତର ଆସିଲା ରଙ୍ଗ ନମ୍ବର...

ମୋ ମନ ଖଟାଳିଆ ହେଇଗଲା। ସତରେ ଜଣେ ଲେଖକ/ଲେଖିକା ବି ଠକି ଦେଇ ପାରନ୍ତି ତାଙ୍କ ଫ୍ୟାନକୁ! ବିଶ୍ୱାସ କରି ପାରୁ ନଥିଲି। ଏକଥା ଆଜି ଅନୁଭବ କଲି। ପୁଣି ମନକୁ ମୁଁ ବୁଝାଇ ନେଲି। ହଁ ଏପରି ହେଇଥାଇ ପାରେ- ତାଙ୍କୁ ଆଜିକାଲିକା ପରି କିଛି ବଦମାସ ଲୋକ ଇଆଡୁ ସିଆଡୁ ମେସଜ କରି ହଇରାଣ କରୁଥାଇ ପାରନ୍ତି। ସେଥିରୁ ବଞ୍ଚିବାକୁ ଯାଇ ମୋ'ଭଳି ପିଲାଙ୍କୁ ଅବିଶ୍ୱାସ କରିବା। ଆଉ ଭୂଲ ନମ୍ବର ଦେଇ ବଞ୍ଚିବାର ସରଳ ଉପାୟଟେ ଖୋଜି ପାଇ ଯାଇଥିବେ।

କିଛିଦିନ ଗଲାପରେ ମୋ ଲେଖିଥିବା ଗପର କିଛିଟା ଧାଡି ସୁଧାରିବାକୁ ଯାଇ କ

ଭୁବନେଶ୍ୱରରେ ୨୦୪ ଜଣଙ୍କୁ ନିଯୁକ୍ତି ପତ୍ର ବିତରଣ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ରାଷ୍ଟ୍ରର ବିକାଶରେ ଯୁବପିଢ଼ିଙ୍କ ସର୍ବାଧିକ ଭାଗିଦାରୀ ବଢାଇବା ଆମର ମୂଳ ଉଦ୍ଦେଶ୍ୟ

ଭୁବନେଶ୍ୱର, ୧୩/୦୭ (ନି.ପ୍ର): ରାଷ୍ଟ୍ରର ବିକାଶରେ ଯୁବପିଢ଼ିଙ୍କ ସର୍ବାଧିକ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ଆମ ସରକାରଙ୍କ ଲକ୍ଷ୍ୟ ରହିଛି ବୋଲି ଶନିବାର ଭୁବନେଶ୍ୱର ଠାରେ '୧୬ତମ ରାଷ୍ଟ୍ରୀୟ ରୋଜଗାର ମେଳା'କୁ ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ଶ୍ରୀ ପ୍ରଧାନ ଭାରତ ସରକାରଙ୍କ ବିଭିନ୍ନ ବିଭାଗରେ ୨୦୪ ଜଣ ନବ ନିଯୁକ୍ତ ଯୁବକ ଯୁବତୀଙ୍କୁ ନିଯୁକ୍ତି ପତ୍ର ବିତରଣ କରିଥିଲେ । ଜୀବନର ନୂଆ ଅଧ୍ୟାୟ ଆରମ୍ଭ କରିଥିବା ପ୍ରାର୍ଥୀ ଓ ସେମାନଙ୍କ ପରିବାର ବର୍ଗଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଭିନ୍ନ ସରକାରୀ ବିଭାଗ ଏବଂ ସଂଗଠନରେ ୫୧,୦୦୦ ରୁ ଅଧିକ ନବନିଯୁକ୍ତ ଯୁବକ ଯୁବତୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି । ୧୬ତମ ରୋଜଗାର ମେଳା ଦେଶର ୪୭ଟି ସ୍ଥାନରେ ଅନୁଷ୍ଠିତ ହୋଇଛି । ନିଯୁକ୍ତି ସୃଷ୍ଟିକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ପାଇଁ 'ରୋଜଗାର ମେଳା' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତିବଦ୍ଧତା ପୂରଣ କରିବା ଦିଗରେ ଏକ ପଦକ୍ଷେପ । ଭାରତ ହେଉଛି ଯୁବଶକ୍ତିର ଦେଶ । ସେମାନଙ୍କୁ ସଶକ୍ତ କରିବା ମୋଦୀ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ରହିଛି । ଏହି ପରିପ୍ରେକ୍ଷୀରେ ଯୁବା-ସଶକ୍ତିକରଣ ଏବଂ ଜାତୀୟ ବିକାଶରେ ଯୁବପିଢ଼ିର ଅଂଶଗ୍ରହଣ ପାଇଁ ଉପଯୁକ୍ତ ସୁଯୋଗ ପ୍ରଦାନ କରିବା ହେଉଛି ଏହି ରୋଜଗାର ମେଳାର ମୂଳ ଉଦ୍ଦେଶ୍ୟ । ଓଡ଼ିଶା ସମେତ ସାରା ଦେଶରେ ରୋଜଗାର ମେଳା ମାଧ୍ୟମରେ ଏପର୍ଯ୍ୟନ୍ତ ୧୦ ଲକ୍ଷରୁ ଅଧିକ ନିଯୁକ୍ତି ପତ୍ର ପ୍ରଦାନ କରାଯିବା ଖୁସିର ବିଷୟ । ଏଥିପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ ଆହୁରି କହିଛନ୍ତି, ଆଜି ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ଭାବରେ ପରିଣତ ହୋଇଛି । ମୋଦୀ ସରକାରଙ୍କ ସଫଳ ନୀତି ଓ କଲ୍ୟାଣକାରୀ ଯୋଜନା କାରଣରୁ ଦେଶର ପ୍ରାୟ ୨୫ କୋଟି ଏବଂ ଓଡ଼ିଶାର ପ୍ରାୟ ୧ କୋଟି ଲୋକ ଦାରିଦ୍ର୍ୟ ସୀମାରେଖାରୁ ମୁକ୍ତ ହୋଇ ବିକାଶ ସହ ଯୋଡ଼ି ହୋଇଛନ୍ତି । ଦେଶରେ ଡିଜିଟାଲ ଅର୍ଥ କାରବାର, କ୍ୟାପିଟାଲ୍ ପୁଞ୍ଜି ନିବେଶ ବଢିଛି । ଟେକ୍ନୋଲୋଜି, ଇନୋଭେସନ, ଷ୍ଟାର୍ଟଅପ୍ ଭଳି ବିଭିନ୍ନ କ୍ଷେତ୍ରରେ ଭାରତର ରୂପରେଖ ବଦଳିଛି । ବିଶ୍ୱ ବନ୍ଧୁ ଭାବରେ ଭାରତ ନୂଆ ପରିଚୟ ପାଇଛି । ଏହାକୁ ଦୃଷ୍ଟିରେ ରଖି ଆମେ ଯୁବପିଢ଼ିଙ୍କ ଇନୋଭେସନ, ଦକ୍ଷତା ଏବଂ ନେତୃତ୍ୱରେ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବାର ଲକ୍ଷ୍ୟ ହାସଲ କରିବା ଆବଶ୍ୟକ ।ଶ୍ରୀ ପ୍ରଧାନ ଏହି ଅବସରରେ ରେଳ ବିଭାଗରେ ସର୍ବାଧିକ ୧୪୩ ଜଣ, ଭାରତୀୟ ଡାକ ବିଭାଗରେ ୩୬ ଜଣ, ଆର୍ଥିକ ବିଭାଗ (ଏସଏଲବିସି)ରେ ୯ ଜଣ, ରାଜସ୍ୱ ବିଭାଗରେ ୬ ଜଣ, ଗୃହ ବିଭାଗର ସିଆରପିଏଫ ଏବଂ ସିଆଇଏସଏଫ ବିଭାଗରେ ୨ ଜଣ ଏବଂ ଶିକ୍ଷା ମନ୍ତ୍ରଣାଳୟର ଆଇଜର ବ୍ରହ୍ମପୁର ଏବଂ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଏମ୍ସ, ଭୁବନେଶ୍ୱରରେ ଜଣେ ଲେଖାଏଁ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ ।

ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ପ୍ରାରମ୍ଭିକ ରିପୋର୍ଟ ଜାରି କଲା ଏଏଆଇବି

ନୂଆଦିଲ୍ଲୀ, ୧୩/୦୭ (ନି.ପ୍ର): ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ ଅହମଦାବାଦରେ ଘଟିଥିବା ଏୟାର୍ ଇଣ୍ଡିଆ (ଏଆଇ ୧୭୧) ଦୁର୍ଘଟଣା ସଂପର୍କିତ ତାର ପ୍ରାରମ୍ଭିକ ରିପୋର୍ଟ ପ୍ରକାଶ କରିଛି । ଏୟାର୍ ଇଣ୍ଡିଆ ୧୫ ପୃଷ୍ଠା ବିଶିଷ୍ଟ ଏହି ପ୍ରାରମ୍ଭିକ ରିପୋର୍ଟ ମିଳିଥିବାର ସୂଚନା ଦେଇଛି । ଏୟାର୍ ଇଣ୍ଡିଆ ତାର ଏକ୍ସ ହ୍ୟାଣ୍ଡେଲରେ କହିଛି ଯେ, "ଏୟାର୍ ଇଣ୍ଡିଆ (ଏଆଇ ୧୭୧) ଦୁର୍ଘଟଣାରେ ପ୍ରଭାବିତ ପରିବାରଗୁଡ଼ିକ ଓ ଅନ୍ୟ ଲୋକମାନଙ୍କ ସହିତ ଆମେ ଏକଜୁଟ ହୋଇ ରହିଛୁ । ଆମେ ଏହି କ୍ଷତିକୁ ନେଇ ଗଭୀର ଶୋକ ପ୍ରକାଶ କରୁଛୁ ଓ ଏହି କଠିନ ସମୟରେ ସମ୍ପୂର୍ଣ୍ଣ ଭାବେ ସହାୟତା ପ୍ରଦାନ କରିବାକୁ ପ୍ରତିବଦ୍ଧ ।" ବିମାନ କମ୍ପାନୀ କହିଛି, "ଜୁଲାଇ ୧୨ରେ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ ଦ୍ୱାରା ପ୍ରକାଶିତ ପ୍ରାରମ୍ଭିକ ରିପୋର୍ଟ ଆମକୁ ମିଳିଛି । ଏୟାର୍ ଇଣ୍ଡିଆ ନିୟାମନ ସହିତ ହିତଧାରକମାନଙ୍କ ସହିତ ମିଶିକରି କାମ କରୁଛି । ଆମେ ଏଏଆଇବି ଓ ଅନ୍ୟ ପ୍ରାଧିକାରୀମାନଙ୍କ ସହିତ ତାଙ୍କର ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିବୁ । ତଦନ୍ତର ସକ୍ରିୟ ସ୍ୱଭାବକୁ ଦୃଷ୍ଟିରେ ରଖି, ଆମେ ଏବେ କୌଣସି ନିର୍ଦ୍ଦିଷ୍ଟ ବିବରଣୀ ଉପରେ ମନ୍ତବ୍ୟ କରିପାରୁନାହିଁ । ଆମେ ସମସ୍ତ ବିବରଣୀ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋକୁ ପ୍ରେରଣ କରୁଛୁ ।" ଏଠାରେ ଉଲ୍ଲେଖନୀୟ ଯେ, ଗୁଜରାଟର ଅହମଦାବାଦରେ ଘଟିଥିବା ଏହି ଭୟାବହ ବିମାନ ଦୁର୍ଘଟଣାରେ ୨୬୦ ଜଣ ମୃତ୍ୟୁବରଣ କରିଥିଲେ, ଯେଉଁଥିରେ ୨୨୯ ଜଣ ଯାତ୍ରୀ, ୧୨ ଜଣ ଚାଳକ ଦଳର ସଦସ୍ୟ ଓ ୧୯ ଜଣ ତଳେ ଥିବା ଲୋକ ଅନ୍ତର୍ଭୁକ୍ତ ଥିଲେ । ଏହି ରିପୋର୍ଟରେ ଉଡ଼ାଣ ଆରମ୍ଭ ହେବା ପରେ ମାତ୍ର ୯୦ ସେକେଣ୍ଡ ମଧ୍ୟରେ ଘଟିଥିବା ଭୟାନକ ଘଟଣାକ୍ରମର ବିବରଣୀ ଦିଆଯାଇଛି । ବିମାନ ଉପରକୁ ଉଠୁଥିବା ସମୟରେ ଦୁଇଟି ଇଞ୍ଜିନ୍ ଅପ୍ରତ୍ୟାଶିତ ଭାବରେ ବନ୍ଦ ହୋଇଯାଇଥିଲା । ଏହାର ଫଳରେ ବିମାନର ଥ୍ରଷ୍ଟ ବହୁତ କମ୍ ହୋଇଯାଇଥିଲା ଓ ବିମାନ ଦ୍ରୁତ ଗତିରେ ତଳକୁ ଜଳିଯିବା ଆରମ୍ଭ କରିଥିଲା । ଏହି ବିମାନ ଦୁର୍ଘଟଣାର ଅନ୍ତିମ ରିପୋର୍ଟ କିଛି ମାସ ଭିତରେ ଆସିବାର ଆଶା ରହିଛି । ଏହି ଦୁର୍ଘଟଣା ୧୨ ଜୁନ ତାରିଖରେ ଘଟିଥିଲା ଓ ଏହାକୁ ଭାରତର ନିକଟତମ ଇତିହାସରେ ସବୁଠୁ ଘାତକ ବିମାନ ଦୁର୍ଘଟଣା ବୋଲି କୁହାଯାଉଛି ।

ତରୁଣ ଚୁଗ୍‌ଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩/୦୭ (ନି.ପ୍ର):- ବିଜେପିର ରାଷ୍ଟ୍ରୀୟ ମହାସଚିବ ତରୁଣ ଚୁଗ୍ ଙ୍କୁ ନୂଆଦିଲ୍ଲୀରେ ସାକ୍ଷାତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଓଡ଼ିଶା ଭିଜନ ୨୦୩୬ । ୨୦୪୭' ପୁସ୍ତକ ପ୍ରଦାନ କରିଛନ୍ତି। ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ମହାସଚିବ ଶ୍ରୀ ତରୁଣ ଚୁଗ୍ ଜୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ଅବସରରେ ଓଡ଼ିଶାର ବିକାଶ ପରିଯୋଜନା, ଜନସେବା ଓ କେନ୍ଦ୍ର-ରାଜ୍ୟ ସମନ୍ୱୟ ସମ୍ପର୍କିତ ବିଷୟଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ତରୁଣ ଜୀଙ୍କ ଠାରୁ ତାଙ୍କର ସ୍ୱଲିଖିତ ପୁସ୍ତକ 'ଜୀତ ମୋଦୀ ଶାସନକୀ' ଗ୍ରହଣ କରିବା ସହ ତାଙ୍କୁ 'ଓଡ଼ିଶା ଭିଜନ ୨୦୩୬ / ୨୦୪୭' ପ୍ରଦାନ କରିଥିଲେ ।

ଆନ୍ଦୋଳନକୁ ରାଜନୀତିର ରୂପ ଦେଉଛନ୍ତି : ବାବୁ ସିଂ

ଭୁବନେଶ୍ୱର, ୧୩/୦୭ (ହି.ସ.) - ଡ୍ରାଇଭର ସଂଘର କିଛି ବ୍ୟକ୍ତି ଆନ୍ଦୋଳନକୁ ରାଜନୀତିର ରୂପ ଦେଉଛନ୍ତି ବୋଲି କହିଛନ୍ତି ବିଜେପି ବିଧାୟକ ବାବୁ ସିଂ। ସେ କହିଛନ୍ତି କିଛି ବ୍ୟକ୍ତି ନିଜ ସ୍ୱାର୍ଥ ଉଦ୍ଦେଶ୍ୟରେ ଏହି ଧର୍ମଘଟ କରୁଛନ୍ତି। ସରକାର ସୌହାର୍ଦ୍ଦପୂର୍ଣ୍ଣ ଆଲୋଚନା କରିଛନ୍ତି ନିଷ୍ପତି ବି ନେଇଛନ୍ତି। ସରକାରଙ୍କ ସହ ସିଧାସଳଖ ଆଲୋଚନା ହୋଇଛି ।ପରିବହନ ମନ୍ତ୍ରୀ ଆଲୋଚନା କରିଛନ୍ତି। ବୈଠକରେ ଦାବୀ ଶୀଘ୍ର ପୂରଣ ନେଇ ନିଷ୍ପତି ନିଆଗଲା। ସକାଳୁ ଆନ୍ଦୋଳନରୁ ଓହରିବେ ବୋଲି ମଧ୍ୟ ନିଷ୍ପତି ନେଲେ କିନ୍ତୁ ବୈଠକର ୩ ଦିନ ପରେ ବି ଆନ୍ଦୋଳନ ବନ୍ଦ କଲେ ନାହିଁ। ଓଡିଶା ବାସି ୫ ଦିନ ହେଲା କଷ୍ଟ ପାଇଲେନି। ପେଟ୍ରୋଲ, ଡିଜେଲ, ଅତ୍ୟାବଶ୍ୟକ ସାମଗ୍ରୀ ଏମିତିକି ଛତିଶଗଡ଼ରୁ ଆସୁଥିବା ପରିବା ଟ୍ରକକୁ ବି ଅଟକାଇ ଭଙ୍ଗାରୁଜା କରିବାର ଦୃଷ୍ଟାନ୍ତ ରହିଛି। ଏଭଳି କାମରୁ କ୍ଷାନ୍ତ ରୁହନ୍ତୁ। କିଛି ବ୍ୟକ୍ତି ନିଜ ସ୍ୱାର୍ଥ ଉଦ୍ଦେଶ୍ୟ ରଖି ଆନ୍ଦୋଳନ କରୁଛନ୍ତି ତାହା ଠିକ୍ ନୁହେଁ। ମୁଁ ନିବେଦନ କରୁଛି ସରକାର ଦାବୀ ନେଇ ନିଷ୍ପତି ନେଇଛନ୍ତି ଆନ୍ଦୋଳନ ଓହରନ୍ତୁ ଡ୍ରାଇଭର ମାନେ।

ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ନିୟୋଜିତ ହେବେ ୫୦ ପ୍ଲାଟୁନ୍ ପୋଲିସ ଫୋର୍ସ

ଭୁବନେଶ୍ୱର, ୧୩/୦୭ (ନି.ପ୍ର): ରାଷ୍ଟ୍ରପତିଙ୍କ ଭୁବନେଶ୍ୱର ଗସ୍ତ ନେଇ କମିଶନରେଟ୍ ପୋଲିସର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ ପାଇଁ ଭୁବନେଶ୍ୱରରେ ୫୦ ପ୍ଲାଟୁନ୍ ପୋଲିସ ଫୋର୍ସ ନିୟୋଜିତ ହେବେ । ୮ ଜଣ ଡିସିପି ରାଙ୍କ ଅଫିସର, ୧୧ ଜଣ ଅତିରିକ୍ତ ଡିସିପି , ୩୧ ଜଣ ଏସିପି ରାଙ୍କ ଅଫିସର, ୪୪ ଇନ୍ସପେକ୍ଟର ଏବଂ ୧୮୦ ଜଣ ସବ ଇନ୍ସପେକ୍ଟର ନିୟୋଜିତ ହେବେ। ରାଜଭବନ ସମେତ ବିଭିନ୍ନ ଟ୍ରାଫିକ୍ ପୋଷ୍ଟରେ ସୁରକ୍ଷା ବ୍ୟବସ୍ଥା କରାଯିବ। ଆସନ୍ତାକାଲି କମିଶରନରେଟ୍ ପୋଲିସ ପକ୍ଷରୁ କାରକେଡ୍ ରିହର୍ସଲ୍ କରାଯିବ। ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଏହି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଆସନ୍ତା ୧୪ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ଦୁଇଦିନିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି ।ରାଷ୍ଟ୍ରପତି ୧୪ ତାରିଖ ଅପରାହ୍ଣରେ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଂଚିବେ। ୨ ଦିନ ଧରି ଭୁବନେଶ୍ୱର ସମେତ କଟକରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରି ଜୁଲାଇ ୧୫ ତାରିଖ ସନ୍ଧ୍ୟାରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ। ୧୪ ତାରିଖ ସନ୍ଧ୍ୟାରେ ରାଷ୍ଟ୍ରପତି ଏମ୍ସ ଭୁବନେଶ୍ୱରର ୫ମ ସମାବର୍ତ୍ତନ ସମାରୋହରେ ଯୋଗ ଦେବେ। ୧୫ ତାରିଖ ପୂର୍ବାହ୍ଣରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗ ଦେବା ପରେ କଟକ ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟ ଉନ୍ନତୀକରଣ କାର୍ଯ୍ୟର ଭିତିପ୍ରସ୍ତର ସ୍ଥାପନ କରିବେ। ସେହିଦିନ କଟକରେ ଶାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଆଦିକବି ଶାରଳା ଦାସଙ୍କ ୬୦୦ତମ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବା ସହ 'କଳିଙ୍ଗ ରତ୍ନ ପୁରସ୍କାର-୨୦୨୪' ପ୍ରଦାନ କରିବେ।

ହିମାଚଳରେ ୧୮ ଜୁଲାଇ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସତର୍କ, ଭୂସ୍ଖଳନ ଯୋଗୁଁ ଦୁଇଟି ଜାତୀୟ ରାଜପଥ ଏବଂ ୨୪୭ ରାସ୍ତା ବନ୍ଦ

ଶିମଳା, ୧୩/୦୭ (ନି.ପ୍ର):- ହିମାଚଳ ପ୍ରଦେଶରେ ମୌସୁମୀ ବର୍ଷା ତୀବ୍ର ହୋଇଛି । ପାଣିପାଗ ବିଭାଗ ଆଗାମୀ ୧୮ ଜୁଲାଇ ପର୍ଯ୍ୟନ୍ତ ରାଜ୍ୟର କିଛି ଅଞ୍ଚଳରେ ପ୍ରବଳ ବର୍ଷାର ଚେତାବନୀ ଜାରି କରି ହଳଦିଆ ସତର୍କତା ଜାରି କରିଛି । ଗତକାଲି ରାତିରେ ମଣ୍ଡି, ବିଳାସପୁର ଏବଂ ହମିରପୁର ଜିଲ୍ଲାରେ ପ୍ରବଳ ବର୍ଷା ରେକର୍ଡ କରାଯାଇଥିବାବେଳେ ରୋହତାଙ୍ଗ ଦରା ଏବଂ ମନାଲିର ଉଚ୍ଚ ଶିଖରରେ ହାଲୁକା ବରଫପାତ ଯୋଗୁଁ ତାପମାତ୍ରାରେ ହ୍ରାସ ପାଇଛି । ଶନିବାର ରାଜ୍ୟର ଅଧିକାଂଶ ଅଞ୍ଚଳରେ ଆକାଶ ମେଘୁଆ ରହିଛି, ଯେତେବେଳେ ସର୍ବନିମ୍ନ ତାପମାତ୍ରା ମଧ୍ୟ ସ୍ୱାଭାବିକଠାରୁ ୦.୬ ଡିଗ୍ରୀ କମ୍ ରେକର୍ଡ କରାଯାଇଛି । ପାଣିପାଗ ବିଭାଗ ଅନୁଯାୟୀ, ମଣ୍ଡିର ମୁରାରୀ ଦେବୀରେ ସର୍ବାଧିକ ୧୨୬ ମିମି ବର୍ଷା ରେକର୍ଡ ହୋଇଛି, ପଣ୍ଡୋହରେ ୭୯ ମିମି, ବିଳାସପୁରର ସଲାପଡରେ ୬୭, କୋଠିରେ ୪୦, ମଣ୍ଡି ଏବଂ ଜୋଗିନ୍ଦରନଗରରେ ୫୩, ଭୁନ୍ତରରେ ୪୭, ଭାରାଡୀରେ ୪୦, ସରାହନରେ ୩୫ ଏବଂ ନେରୀରେ ୩୪ ମିମି ବର୍ଷା ରେକର୍ଡ କରାଯାଇଛି ।ପ୍ରବଳ ବର୍ଷା ରାଜ୍ୟ ସାରା ରାସ୍ତା, ବିଦ୍ୟୁତ୍ ଏବଂ ଜଳ ଯୋଗାଣକୁ ପ୍ରଭାବିତ କରିଛି । ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର ଅନୁଯାୟୀ, ଶନିବାର ସକାଳ ସୁଦ୍ଧା ଭୂସ୍ଖଳନ ଏବଂ ଅନ୍ୟାନ୍ୟ କାରଣରୁ ଦୁଇଟି ଜାତୀୟ ରାଜପଥ ଏନଏଚ-୦୦୩ ଏବଂ ଏନଏଚ-୨୧ ସମେତ ମୋଟ ୨୪୭ଟି ରାସ୍ତା ଯାତାୟାତ ପାଇଁ ବନ୍ଦ ରହିଛି, ୪୬୩ଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଠପ ହୋଇଛି ଏବଂ ୭୮୧ଟି ପାନୀୟ ଜଳ ଯୋଜନା ବାଧାପ୍ରାପ୍ତ ହୋଇଛି ।

ତିନୋଟି ବିଦ୍ୟାଳୟରୁ ତାଲା ଭାଙ୍ଗି ଚୋରି, ପୋଲିସର ତଦନ୍ତ

ଭଦ୍ରକ, ୧୩/୦୭ (ନି.ପ୍ର): ଭଦ୍ରକ ଜିଲା ଧାମନଗର ବ୍ଲକ ଅଂଚଳରେ ଏବେ ଚୋର ମାନେ ବେଶ ସକ୍ରିୟ ହୋଇଛନ୍ତି। କିଛିଦିନ ତଳେ ବିଭିନ୍ନ ଦେବା ଦେବୀ ଙ୍କ ମନ୍ଦିର ରେ ତାଲା ଭାଙ୍ଗି ଚୋରୀ ହେଉଥିବା ବେଳେ ଏବେ ଚୋର ମାନେ ବିଦ୍ୟାଳୟ ର ତାଲା ଭାଙ୍ଗି ଚୋରି କରିଥିବାର ଦେଖିବାକୁ ମିଳିଛି । ଏପରି ଏକ ଘଟଣା ଧୂଶୁରୀ ଥାନ ଅଂଚଳରେ ଦେଖିବାକୁ ମିଳିଛି ।ଶୁକ୍ରବାର ବିଳମ୍ବିତ ରାତିରେ ଧୁସୁରି ଥାନାର ବୟାଙ୍ଗଡିହି ପଂଚାୟତର ଛନ୍ଦାସାହି ସ୍ଥିତ ବୀଣାପାଣି ସରକାରି ଉତ୍ସା ବିଦ୍ୟାଳୟ ର ଅଫିସ ଓ ଶ୍ରେଣୀ ଗୃହ ର ତାଲା ଭାଙ୍ଗି ବିଭିନ୍ନ ସାମଗ୍ରୀ ଚୋରୀ ହୋଇଚି ।ସେହି ପରି ଉକ୍ତ ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନବାଡି କେନ୍ଦ୍ରରତାଲା ଭାଙ୍ଗି ଥିବାର ଅଭିଯୋଗ ହୋଇଚି ।ଶନିବାର ସକାଳେ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ସୁବାସ ରାଉତ ପହଂଚିବା ପରେ ବିଦ୍ୟାଳୟ ରେ ତାଲା ଭଙ୍ଗା ଦେଖି ଥାନା ରେ ଅଭିଯୋଗ ପରେ ଘଟଣା ସ୍ଥଳ ରେ ପୋଲିସ ପହଂଚି ତଦନ୍ତ କରିଛନ୍ତି ।ସେହିପରି ଉକ୍ତ ପଂଚାୟତ ର ଉତ୍କଳମଣି ସରକାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ,ହାଇସ୍କୁଲ ଓ କୋଠାର ପଂଚାୟତ ର ନସଲାପୁର ପ୍ରାଥମିକ ବିଦ୍ୟାଳୟ ର ଗୋଟିଏ ରାତି ରେ ତାଲା ଭାଙ୍ଗି ମାଇକି, ହାଣ୍ଡି, ପାଲ, ଚାଉଳକୁ ଚୋରମାନେ ନେଇଯାଇଛନ୍ତି । ପୋଲିସ ଘଟଣା ସ୍ଥଳେ ପହଂଚି ତଦନ୍ତ କରିଥିବା ବେଳେ ସନ୍ଧନୀ କୁକୁର ମଧ୍ୟ ପହଂଚିଛି ।

ମା ସାଜିଲା ସୈତାନ : ପୁଅକୁ ମାରି ଦୁର୍ଘଟଣାର ରୂପ ଦେଇଥିବା ଥାନାରେ ଅଭିଯୋଗ ଆଣିଲେ ମୃତ ନାବାଳକର ଜେଜେମା

ଭଦ୍ରକ, ୧୩/୦୭ (ହି.ସ.) - ମା ସାଜିଲା ସୈତାନ, ପୁଅକୁ ମାରି ଦୁର୍ଘଟଣାର ରୂପ ଦେଇ ଥିବା ଥାନାରେ ଅଭିଯୋଗ ଆଣିଲେ ମୃତ ନାବାଳକ ର ଜେଜେମା । ଏମିତି ଏକ ଅଭିଯୋଗ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଘଂଟେଶ୍ୱର ଫାଣ୍ଡି ଅଧିନ ଷଣ୍ଢଗଡା ଗ୍ରାମରେ । ପୂର୍ବ ସୂଚନା ମୁତାବକ ରମା ମଣିଙ୍କ ବଡ ପୁଅ ହେମନ୍ତ ସ୍ୱାଇଁ ନିଜ ଗ୍ରାମରେ ସୁବାସ ରାଉତଙ୍କ ଝିଅ ଶୁଭ ରାଉତଙ୍କୁ ବୈଦିକ ରୀତିନୀତିରେ ବିବାହ କରିଥିଲେ । ବାହାଘରକୁ କିଛି ବର୍ଷ ବିତି ଯାଇଥିଲେ ମଧ୍ୟ ତାଙ୍କର ୧୬ ବର୍ଷର ପୁଅ ଏବଂ ୫ବର୍ଷର ଝିଅ ମଧ୍ୟ ଅଛି । ଅଭିଯୋଗକାରିଣୀ ଜେଜେମାଙ୍କ ଅଭିଯୋଗ ମୁତାବକ ଆଜକୁ କିଛି ମୋ ପୁଅ ବହୁ ବାହାର ରାଜ୍ୟକୁ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ସମୟରେ ମୋ ପୁଅକୁ ଛାଡି ମୋ ବୋହୂ ଅନ୍ୟତ୍ର ପଳାଇ ଯାଇ ଥିଲେ । ଏ ନେଇ ମୋ ବୋହୂର ବାପଘର ଲୋକେ ମୋ ପୁଅ ନାମରେ ବୋହୂକୁ ଜୀବନରୁ ମାରି ଦେଇଥିବା ଅଭିଯୋଗ ଆଣିଥିଲେ । କିଛି ଦିନ ଭିତରେ ମୋ ପୁଅ ବୋହୂର ଠିକଣା ପାଇ ତା ଶ୍ୱଶୁର ଘର ଲୋକଙ୍କୁ ଜିମା ଦେଇଥିଲେ । ସେବେଠାରୁ ମୋ ବୋହୂ ଲୋକ ଲଜ୍ୟା ସହି ନପାରି କୁଆଡେ ପଳାଇ ଯାଇଛି ମୁଁ ତାର ଖବର ପାଉନାହିଁ । ମୋ ପାଖରେ ଥିବା ନାତି ଏବଂ ନାତୁଣୀଙ୍କୁ ମୋ ଶ୍ୱଶୁର ଘର ଲୋକ ନେଇ ଯାଇଥିଲେ । ଆଜକୁ ୧୦ରୁ ଦିନରୁ ଅଧିକ ହେବ ମୋ ନାତି ଗୌତମ ସ୍ୱାଇଁ ଦେହ ଅସୁସ୍ଥତା କାରଣରୁ ମୃତ୍ୟୁ ଘଟିଛି ବୋଲି କହୁଥିଲେ ବି ଦୁଃଖର ବିଷୟ ମୋ ନାତିର ମଲା ଶରୀର ପାଖକୁ ମୋତେ ଛାଡିବାକୁ ଦିଆଗଲା ନାହିଁ। ଏଣୁ ମୋର ସନ୍ଦେହ ବାହାର ରାଜ୍ୟରେ ମୋ ନାତିକୁ ମୋ ବୋହୂ ଲୋକ ଲଗାଇ ମାରିଦେଇ ଦୁର୍ଘଟଣାର ରୂପ ଦେଉଥିବା ମୋର ସନ୍ଦେହ ହେଉଛି । ପୋଲିସ ଏହି ଘଟଣାର ତଦନ୍ତ କଲେ ସବୁ ସତ୍ୟ ସାମ୍ନାକୁ ଆସିବ ବୋଲି ମୃତ ଗୌତମର ଜେଜେମା କହିଛନ୍ତି ।

ଡ୍ରାଇଭରଙ୍କ ଆନ୍ଦୋଳନକୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସମର୍ଥନ

ଭୁବନେଶ୍ୱର, ୧୩/୦୭ (ହି.ସ.) - ଅଗଷ୍ଟ ୮ ତାରିଖରୁ ଆରମ୍ଭ କରାଯାଇ

'ଯୁଗଶ୍ରୀ ଯୁଗନାରୀ'ର 'ମେଘମହ୍ଲାର' କବିତା ପାଠୋତ୍ସବ ଓ ପତ୍ରିକା ଉନ୍ମୋଚନ



ବାଲେଶ୍ୱର,୧୩ । ୦୭(ନି.ପ୍ର): ପ୍ରତିବର୍ଷ ପରି ଚଳିତବର୍ଷ ଫକୀର ମୋହନଙ୍କ ଶାନ୍ତିକାନନଠାରେ 'ଯୁଗଶ୍ରୀ ଯୁଗନାରୀ' ମାସିକ ମହିଳା ଓଡ଼ିଆ ସାହିତ୍ୟପତ୍ରିକା ଓ ଫକୀରମୋହନ ସାହିତ୍ୟ ପରିଷଦର ମିଳିତ ଆନୁକୂଲ୍ୟରେ 'ମେଘମହ୍ଲାର' କବିତା ପାଠୋତ୍ସବ ଓ ସାରସ୍ୱତ ସମାରୋହ ପରିଷଦର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥିଭାବେ ବିଶିଷ୍ଟ ସାହିତ୍ୟିକା ପ୍ରଫେସର ଡ. ସଂଘମିତ୍ରା ମିଶ୍ର ଯୋଗଦେଇ କବିତା ରଚନାର ତିନିଗୋଟି ମୂଳଆଧାର ପରମ୍ପରା, ପରିବେଶ ଓ କଳ୍ପନା ବୋଲି ଉଲ୍ଲେଖ କରି କବିତାର ସଂଜ୍ଞା ଉପରେ ଏକ ସୁନ୍ଦର ମନଛୁଆଁ କବିତା ଆବୃତ୍ତି କରିଥିଲେ । 'ଯୁଗଶ୍ରୀ ଯୁଗନାରୀ' ପତ୍ରିକାର ସଂପାଦିକା ମମତା ମହାପାତ୍ର କାଳଜୟୀ କବିମାନଙ୍କର ବର୍ଷା କବିତାଗୁଡ଼ିକର ଉଦାହରଣ ଦେଇ 'ମେଘମହ୍ଲାର' କବିତା ପାଠୋତ୍ସବର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ । 'ଯୁଗଶ୍ରୀ ଯୁଗନାରୀ' ପତ୍ରିକାର ସହସଂପାଦିକା ଡ. ପ୍ରଭାବତୀ ପଣ୍ଡା ସର୍ଜ୍ଜନାତ୍ମକ ଓ ସକରାତ୍ମକ ଚିନ୍ତାଧାରା ନେଇ କବିମାନେ କବିତା ରଚନା କରିବାକୁ ମତ ଦେଇଥିଲେ । ଫକୀରମୋହନ ସାହିତ୍ୟ ପରିଷଦର ସଂପାଦକ ଡ. ରତ୍ନାକର ସିଂହ ପ୍ରାକ୍ ସୂଚନା ଦେଇଥିଲେ । ସଭା ପ୍ରାରମ୍ଭରେ ବିଶିଷ୍ଟ ଶିକ୍ଷାବିତ୍ ଡ. କ୍ଷିତୀଶ୍ୱର ଦାଶ ବେଦପାଠ କରିଥିବାବେଳେ 'ଯୁଗଶ୍ରୀ ଯୁଗନାରୀ' ପତ୍ରିକାର ଉପଦେଷ୍ଟା ସୁଶ୍ରୀ ଗୀତାଞ୍ଜଳି ସିଂହ ଜୁଲାଇ-୨୦୨୫ ସଂଖ୍ୟାରେ ବିଶିଷ୍ଟ ସାହିତ୍ୟିକା ଓ ସଂଗଠିକା ଶ୍ରୀମତୀ ରେଣୁକା ମିଶ୍ରଙ୍କ ପ୍ରକାଶିତ ସାକ୍ଷାତକାର ଉପରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ । ଏହି କବିତା ପାଠୋତ୍ସବକୁ କବୀ ଜ୍ୟୋତ୍ସ୍ନା ରାୟ ଓ କବି ମଧୁସୂଦନ ମିଶ୍ର ସଂଯୋଜନା କରିଥିଲେ । ଏଥିରେ ଶତାଧିକ କବିଙ୍କ ମଧ୍ୟରେ ଅଶ୍ୱିନୀ କୁମାର ଦାଶ, ଯଶୋଧାରା ଦାସ, ଅଞ୍ଜଳି ପଣ୍ଡା, ଦୀନବନ୍ଧୁ ଲେଙ୍କା, ପ୍ରତିମା ପଣ୍ଡା, ବିନିତା ସାହୁ, କ୍ରିଷ୍ଣା ପ୍ରଧାନ, ଶାନ୍ତିଲତା ବିଶି, ଡାକ୍ତର ରବିନାରାୟଣ ଦାଶ, ମିନତୀ କର, ନୀରଦ ସୁନ୍ଦର ଜେନା, ବିଭୂତି ଭୂଷଣ ସେନାପତି, ଦୀପକ ବୋଷ, ପୀତାମ୍ବର ଦାସ, ସୁବ୍ରତା ମହାନ୍ତି, ପୁଷ୍ପଲତା ଚକ୍ରବର୍ତ୍ତୀ, ତାନଶ୍ରୀ ପାଣିଗ୍ରାହୀ, ଚିତ୍ରାରାଣୀ ପାତ୍ର, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ରବୀନ୍ଦ୍ର କୁମାର ବିଶ୍ୱାଳ, ଜୁମରନାଥ ପାତ୍ର, ଡ. ଶିଶିର କୁମାର କର, ନୃସିଂହ ପ୍ରସାଦ ଦାସ ମହାପାତ୍ର, ଶାନ୍ତିସ୍ୱରୂପ ମିଶ୍ର, ପ୍ରଭାକର ସାହୁ, ସୁନାମଣି ଜେନା, ଦେବାଶିଷ ସିଂହ, ତୃପ୍ତିରାଣୀ ପାତ୍ର, ଶ୍ରୀରୂପାମଂଜରୀ ସେନ୍ ପ୍ରମୁଖ ଯୋଗଦାନ କରି ସ୍ୱରଚିତ କବିତା ପାଠ କରିଥିଲେ । ଏହି କବିତା ପାଠୋତ୍ସବରେ ଶୁଭଙ୍କର ମହାପାତ୍ର, ସୁବ୍ରତ କର, ଡ. ପ୍ରହ୍ଲାଦ ଚରଣ ମହାନ୍ତି, ପୁଷ୍ପାଞ୍ଜଳି ନାୟକ, ଡ. ଶୁଭଶ୍ରୀ ଲେଙ୍କା, ପ୍ରଦୀପ କୁମାର ଚାଟାର୍ଜୀ, ଡ. ରାଧାଗୋବିନ୍ଦ କୁଇଲା, ଅନସୂୟା ନାୟକ ଓ ରଞ୍ଜନ ବାଗ୍ ପ୍ରମୁଖ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । କମଳାକାନ୍ତ ଦାଶ, ବସନ୍ତ ପ୍ରଧାନ, କ୍ରିଷ୍ଣା ସାହା ଏହି ଉତ୍ସବର ପରିଚାଳନାରେ ସହାୟତା କରିଥିଲେ । ଶେଷରେ ଗାଙ୍ଗିକା ସ୍ମୃତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ବନ୍ୟା ଛାଡି ଦେଇଗଲା ଚାଷୀ ସମେତ ଖାଉଟିଙ୍କ ମୁଣ୍ଡରେ ଚଡକ

ବାରମ୍ୟାର ବନ୍ୟା ଲଗାଇଛି ପରିବାବଜାରରେ ନିଆଁ : ବାଇଗଣ କେଜି ୮୦ କୁ କାକୁଡି ୫୦

ବାଲିଆପାଳ,୧୩.୭(ନି.ପ୍ର) ୨୦ଦିନ ଭିତରେ ଲଗାତାର ତିନିଥର ସୁବର୍ଣ୍ଣରେଖା ନଦୀରେ ବନ୍ୟା ଯୋଗୁଁ ବାଲିଆପାଳ ବ୍ଲକରେ ପରିବା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି ।ବନ୍ୟା ଛାଡି ଛାଡ଼ି ଯାଇଛି ସତ ହେଲେ ତା ସାଙ୍ଗରେ ଛାଡିଦେଇଯାଉଛି ବନ୍ୟା ପ୍ରଭାବିତ ଅଂଚଳର ଚାଷୀ ସମେତ ସାଧାରଣ ଲୋକଙ୍କ ଆଖିରେ ଲୁହ । ଲଗାତାର ସୁବର୍ଣ୍ଣରେଖା ବନ୍ୟାର ଏହି ବିଭିଷୀକା ଭିତରେ ପେଶି ହୋଇଯାଇଛନ୍ତି ପନିପରିବା ଚାଷୀ। ସବୁଜ ପନିପରିବା କ୍ଷେତରେ ଖିଲି ଖିଲ ହସୁଥିବା ପରିବା ବାଡି ଏବେ ପାଲଟିଛି ମରୁଭୂମି । ପନିପରିବା ତ ଦୂରର କଥା ଗଛଟିଏ ମଧ୍ୟ ଦେଖିବାକୁ ମିଳୁନାହିଁ । ଯାହାକି ପରିବା ଚାଷରୁ ପରିବାର ପ୍ରତିପୋଷଣ କରୁଥିବା ଚାଷୀ ପରିବାର କିପରି ଚଳାଇବେ, ଦେଣ ଧାର କିପରି ପ୍ରତିଶୋଧ କରିବେ ସେହି ଚିନ୍ତାରେ ସେମାନଙ୍କ ଆଖିରେ ନିଦ ନାହିଁ। ତେବେ କେବଳ ଚାଷି ନୁହଁ ଏହାର ପ୍ରଭାବ ମଧ୍ୟ ସାଧାରଣ ଖାଉଟିଙ୍କ ଉପରେ ପଡିଛି ।ଦିନ କେଇଟା ପୂର୍ବରୁ ଯେଉଁ ପରିବା ୧୦ରୁ ୨୦ ଟଙ୍କା କେଜିରେ ବିକ୍ରି ହେଉଥିଲା ତାହା ପାଞ୍ଚଗୁଣା ବଢିଯାଇଛି । ବାଲିଆପାଳ ବ୍ଲକର ସୁବର୍ଣ୍ଣରେଖା ନଦୀ ଅବବାହିକା ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା, ନିଖିରା, ଅସ୍ତି, ଘଣ୍ଟୁଆ, କୁମ୍ଭାରୀ ପ୍ରଭୃତି ପଞ୍ଚାୟତରେ ବ୍ୟାପକ ପରିବା ଚାଷ ହୋଇଥାଏ। ବାଲିଆପାଳ ବ୍ଲକର ଖାଉଟିଙ୍କ ଚାହିଦା ମେଣ୍ଟାଇବା ସହିତ ପଡୋଶୀ ବ୍ଲକ ଓ ରାଜ୍ୟର ବିଭିନ୍ନସ୍ଥାନକୁ ଏହିଠାରୁ ପରିବା ରପ୍ତାନି ହୋଇଥାଏ । ଚଳିତବର୍ଷ ବାଲିଆପାଳ ପଞ୍ଚାୟତର ସୁଙ୍ଗମୁହଁ, ତଳବାଲିଆପାଳ, କୁଦମାନସିଂ ଚଡ, ବିଷ୍ଣୁପୁର ପଞ୍ଚାୟତର ରାଉତୁରାପୁର, ଇକିଡିପାଳ, ଜାମକୁଣ୍ଡା ପଞ୍ଚାୟତର କୁହ୍ଲାଚଡ, ନୟାବାଲି, ଇକଡପାଳ ମଧୁପୁରା ପଞ୍ଚାୟତର ଚୌଧୁରୀକୂଦ ଓ ଚରବସ୍ତ କାଳରୂଇ, ନିଖିରା ପଞ୍ଚାୟତର ନିଖିରା, ମଝିପଡା, ପାଳପଡା, ଚଡ ପଳପଡା, ପାଳବେଗୁନିଆ, ଚଡପାଳ ବେଗୁନିଆ, ଅସ୍ତି ପଞ୍ଚାୟତର ସୁର୍ଯ୍ୟାପୁର, ପାରଦୀପା, ପାଳଚମ୍ପେଇ ପ୍ରଭୃତି ଗ୍ରାମର ଚାଷୀମାନେ ୨୫୦ ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ କାକୁଡି, ବାଇଗଣ, ଭେଣ୍ଡି, କଞ୍ଚାଲଙ୍କା, ପୋଟଳ, ଜହ୍ନି, କୁଦୁରୀ, ଭେଣ୍ଡି ଇତ୍ୟାଦି ପରିବା ଚାଷ କରିଥିଲେ ।ଭଲ ଫସଲ ମଧ୍ୟ ହୋଇଥିଲା ତେବେ ତିନି ତିନିଥର ବନ୍ୟା ସବୁକିଛି ଉଜାଡି ଦେଇଛି । ପନିପରିବା ଫସଲ ନଷ୍ଟ ହେବା ଫଳରେ ଏହାର ପ୍ରଭାବ ମଧ୍ୟ ଖାଉଟି ବଜାର ଉପରେ ପଡିଛି । ତିନି ସପ୍ତାହ ପୂର୍ବରୁ ସିମୁଳିଆ ବଜାରରେ କାକୁଡି କେଜି ପ୍ରତି ୧୫ରୁ ୨୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଆଜି ଏହା ୫୦ ଟଙ୍କାରେ ବିକ୍ରି ହେଉଛି । ସେହିପର ବାଇଗଣ ଦର ପାଞ୍ଚଗୁଣା ବଢି ୮୦ ରୁ ୧୦୦ ଟଙ୍କାରେ ବିକ୍ରୀ ହେଉଛି । ଜହ୍ନି ୮୦, ପୋଟଳ୮୦, କୁଦୁରୀ୪୦, କଞ୍ଚାଲଙ୍କା ୧୨୦, କଲରା ୮୦, ବିଲାତି ୬୦ ଟଙ୍କାରେ ବିକ୍ରି ହେଉଛି । ସାଧାରଣ ଲୋକଙ୍କ ଉପରେ ଏହି ପରିବା ଦର ବୋଝ ସଦୃଶ ହୋଇଛି । ଚାରିରୁ ପାଞ୍ଚମାସ ପର୍ଯ୍ୟନ୍ତ ସ୍ଥାନୀୟ ଅଂଚଳର ପରିବା ସମସ୍ୟା ଏହିଭଳି ଲାଗିରହିବ ବୋଲି କିଛି ଚାଷୀ ମତ ଦେଇଛନ୍ତି।

ତିହିଡ଼ି ଥାନା ପୋଲିସ ବିରୁଦ୍ଧରେ ଏସ୍ପିଙ୍କୁ ଫେରାଦ: ନ୍ୟାୟ ମାଗିଲେ ପୀଡ଼ିତାଙ୍କ ପରିବାର

ଭଦ୍ରକ,୧୩/୭(ନି.ପ୍ର) : ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅନ୍ତର୍ଗତ ଓରାଳି ଗ୍ରାମର ଏକ ପରିବାର ମରଣାନ୍ତକ ଆକ୍ରମଣର ଶିକାର ହେବା ପରେ ତିହିଡ଼ି ଥାନାରେ କରିଥିବା ଅଭିଯୋଗରେ ପୋଲିସ ପଦକ୍ଷେପ ନ ନେବାରୁ ପରିବାର ଆଜି ଏସ୍ପିଙ୍କୁ ଭେଟି ତିହିଡ଼ି ପୋଲିସ ବିରୁଦ୍ଧରେ ଅଭିଯୋଗ କରିବା ସହିତ ନ୍ୟାୟ ଦେବାକୁ ଅନୁରୋଧ କରିଛନ୍ତି। ଓରାଳି ଗ୍ରାମର ଗାୟତ୍ରୀ ବେହେରାଙ୍କ ଅଭିଯୋଗ ଅନୁଯାୟୀ ଗତ ୨୯ ତାରିଖରେ ଉକ୍ତ ଗ୍ରାମର ଦୁର୍ଯ୍ୟୋଧନ ବେହେରା, ସୁନିତା ବେହେରା, ଜୟନ୍ତୀ ବେହେରା ଅନ୍ୟକିଛି ଲୋକଙ୍କ ସହିତ ମିଶି ପୂର୍ବ ଶତ୍ରୁତା କାରଣରୁ ଗାୟତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଗାୟତ୍ରୀ ଗୁରୁତର ଆହତ ହୋଇ ଭଦ୍ରକ ମେଡ଼ିକାଲରେ ଭର୍ତ୍ତିରି ହେବା ସହିତ ଅଭିଯୁକ୍ତଙ୍କ ବିରୁଦ୍ଧରେ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଚୁପ୍ ହୋଇ ବସିଥିବା ବେଳେ ଅଭିଯୁକ୍ତମାନେ ଖୁଲମଖୁଲା ବଜାରରେ ଘୁରି ବୁଲିବା ସହିତ ପୀଡ଼ିତାଙ୍କ ପରିବାରକୁ ନାନା ପ୍ରକାର ଧମକ ଦେଉଛନ୍ତି। ଏ ନେଇ ତିହିଡ଼ି ଥାନାକୁ ଅବଗତ କରାଯାଉଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନେଉନାହିଁ। ଯାହା ଫଳରେ ଗାୟତ୍ରୀ ଆଜି ପରିବାର ସହିତ ଏସ୍ପି ମନୋଜ ରାଉତଙ୍କୁ ଭେଟି ତିହିଡ଼ି ପୋଲିସର ଟାଳଟୁଳ ନୀତି ବିରୁଦ୍ଧରେ ଅବଗତ କରାଇବା ସହିତ ତାଙ୍କୁ ତୁରନ୍ତ ନ୍ୟାୟ ଦେବାକୁ ଅନୁରୋଧ କରିଛନ୍ତି। ନ୍ୟାୟ ନମିଳିଲେ ଆଗାମୀ ଦିନରେ ଏସପିଙ୍କ କାର୍ଯ୍ୟାଳୟ ଆଗରେ ଅନଶନ କରିବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି।



ଡବଲ୍ ଇଞ୍ଜିନ୍ ସରକାରଙ୍କ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ବିରୁଧରେ ବାଂଶଡା ଥାନା ସମ୍ମୁଖରେ ଦଳିତ ମହାସଂଘ ପକ୍ଷରୁ ଧାରଣା

ଭଦ୍ରକ,୧୩/୭(ନି.ପ୍ର): ଚାନ୍ଦବାଲି/ଧାମରା, ଡବଲ୍ ଇଞ୍ଜିନ୍ ସରକାର ଓଡିଶାରେ କ୍ଷମତାସୀନ ହେବା ପରେ ସାରା ଓଡିଶାରେ ବିଜେପି ଓ ଆରଏସ୍ଏସ୍ର ଗୁଣ୍ଡା ବାହିନୀ ଆଇନକୁ ନିଜ ହାତକୁ ନେଇ ଆମ ରାଜ୍ୟର ସାଧାରଣ ଲୋକଙ୍କ ଉପରେ ଆକ୍ରମଣ କରୁଛନ୍ତି । ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ବିଶେଷ କରି ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁ ମୁସଲମାନ ଓ ଖ୍ରୀଷ୍ଟିଆନ ମାନଙ୍କ ଉପରେ ଆକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଛି । ବିଶେଷ କରି ବାଂଶଡା ଥାନା ଅଧିନସ୍ଥ ବିଭିନ୍ନ ଅଞ୍ଚଳରେ ବିଜେପି ଗୁଣ୍ଡା ବାହିନୀ ଦ୍ୱାରା ଦଳିତ ଓ ସାଧାରଣ ଲୋକଙ୍କ ଉପରେ ଆକ୍ରମଣ ଅସହ୍ୟ ହୋଇପଡିଛି । ଖଦାଳପୋଖରୀ ଗ୍ରାମ ପଞ୍ଚାୟତର ଦଳିତ ନେତା ଅଞ୍ଜନ ଦାସଙ୍କୁ ଗତ ୨ ମାସ ତଳେ ବିଜେପିର ଗୁଣ୍ଡା ବାହିନୀ ମରଣାନ୍ତକ ଆକ୍ରମଣ କରିଥିଲେ । ପୁଣି ଗତ ୫ ଦିନ ତଳେ ତାଙ୍କ ବୃଦ୍ଧ ପିତା ମାତାଙ୍କ ଉପରେ ବିଜେପି ର ଗୁଣ୍ଡା ବାହିନୀ ଭୟଙ୍କର ଆକ୍ରମଣ କରିଛନ୍ତି । କୌଣସି ଆସାମୀ ମାନଙ୍କୁ ଏ ପର୍ଯ୍ୟନ୍ତ ଗିରଫ କରାଯାଇନାହିଁ । ମେଘାନୃଆଗାଁ ଗ୍ରାମର ମାଗୁଣି ଚରଣ ସିଂ ଙ୍କ ପରିବାର ଉପରେ ବର୍ଷେ ଭିତରେ ଅସାମାଜିକ ବ୍ୟକ୍ତି ମାନେ ୪ ଥର ଆକ୍ରମଣ କରିଛନ୍ତି । ୪ଟି ଏତଲା ବାଂଶଡା ଥାନାରେ ପଞ୍ଜୀକରଣ ହୋଇଥିଲେ ହେଁ କୌଣସି ଆସାମୀ ମାନଙ୍କୁ ଏ ପର୍ଯ୍ୟନ୍ତ ଗିରଫ କରାଯାଇନାହିଁ। କୁଆଁରୀକାନ୍ଥୀ ଗ୍ରାମର ସଞ୍ଜୁଲତା ଦାସଙ୍କ ପରିବାର ଉପରେ ବିଜେପି ର ଗୁଣ୍ଡା ବାହିନୀ ଲଗାତର ଆକ୍ରମଣ କରୁଛନ୍ତି କିନ୍ତୁ ଅଭିଯୁକ୍ତ ମାନେ ଶାସକ ଦଳର ହୋଇଥିବାରୁ ସେମାନଙ୍କୁ ଗିରଫ କରାଯାଉନାହିଁ। ଖଦାଳ ପୋଖରୀ ଗ୍ରାମର ସଞ୍ଜୟିନି ଦାସଙ୍କ ପରିବାର ଉପରେ ବିଜେପି ର ଗୁଣ୍ଡା ବାହିନୀ ୨ ମାସ ତଳେ ଭୟଙ୍କର ଆକ୍ରମଣ କରିଥିଲେ କିନ୍ତୁ ଏପର୍ଯ୍ୟନ୍ତ କୌଣସି ଆସାମୀ ଗିରଫ ହେଲେନାହିଁ । ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅଧିନସ୍ଥ ଖାରିଗୁମ୍ଫା ସିଙ୍ଗାପୁର ଗ୍ରାମର ଦଳିତ ଚାବୁଲା ନାୟକ ଓ ବୁଲୁନାୟକ ନିର୍ଯ୍ୟାତନା ମାମଲାରେ ମୁଖ୍ୟ ଅଭିଯୁକ୍ତ ମାନେ ଏ ପର୍ଯ୍ୟନ୍ତ ଗିରଫ ହେଲେନାହିଁ । ବିଏମସି ଅତିରିକ୍ତ କମିଶନରଙ୍କୁ ମାଡ ଘଟଣାରେ ସଂପୃକ୍ତ ମୁଖ୍ୟ ଷଡଯନ୍ତ୍ରକାରୀ ଜଗନ୍ନାଥ ପ୍ରଧାନ ଜେଲଖାନାରୁ ଅନ୍ତରୀଣ ଜାମିନ ପାଇବା ପରେ ବିଜେପି ନେତା ଓ କର୍ମୀ ମାନେ ଝାଡପଡା ଜେଲଖାନା ନିକଟରୁ ତାଙ୍କୁ ଶୋଭାଯାତ୍ରାରେ ନେବା ଦ୍ୱାରା ଓଡିଶାରେ ଅପରାଧୀମାନେ ଅପରାଧ ସଂଗଠିତ କରାଇବା ପାଇଁ ଅଧିକ ଦୁଃସାହସ ପାଇଛନ୍ତି ଓ ସକ୍ରିୟ ହୋଇପଡିଛନ୍ତି । ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣାରେ ଜଣେ ଅଧ୍ୟାପକ ଗିରଫ ହୋଇଥିଲେ ହେଁ ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ଅଭିଯୁକ୍ତ ଅଧ୍ୟାପକଙ୍କ ସପକ୍ଷରେ ତଦନ୍ତ ରିପୋର୍ଟ ଉପସ୍ଥାପନ କରିଥିବା ଅଧ୍ୟାପକ ମାନଙ୍କୁ ରାଜ୍ୟ ସରକାର ସୁରକ୍ଷା ପ୍ରଦାନ କରିଛନ୍ତି। ଗଜପତି ଓ ନବରଙ୍ଗପୁର ଜିଲ୍ଲାରେ ଖ୍ରୀଷ୍ଟିଆନ ମାନଙ୍କ ଉପରେ ଆର୍ ଏସ୍ ଏସ୍ କର୍ମୀ ମାନେ ପ୍ରତ୍ୟେକ ଦିନ ଆକ୍ରମଣ କରୁଛି। ଗୋ ସୁରକ୍ଷା ନାମରେ ଗୋ ସୁରକ୍ଷା ବାହିନୀ ପ୍ରତ୍ୟେକ ଦିନ ଗୋରୁ ବେପାର କରୁଥିବା ସାଧାରଣ ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁ ମୁସଲମାନମାନଙ୍କ ଉପରେ ଆକ୍ରମଣ କରୁଛନ୍ତି । ସେମାନଙ୍କ ବିରୁଦ୍ଧରେ ଓଡିଶା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି । ଗୋରୁଚାଷୀ ମାନେ ରାଜ୍ୟ ତମାମ ଭୟଭୀତ । ଏହି ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ବିରୁଧରେ ବାଂଶଡା ଥାନା ଅଧିନସ୍ଥ ବିଭିନ୍ନ ଗ୍ରାମରେ ବିଜେପି ର ଗୁଣ୍ଡା ମାନଙ୍କୁ ତୁରନ୍ତ ଗିରଫ, ଅଞ୍ଜନ ଦାସଙ୍କ ସମେତ ତାଙ୍କ ବୃଦ୍ଧ ପିତା ମାତାଙ୍କ ଆକ୍ରମଣକାରୀଙ୍କୁ ଗିରଫ, ଘଣ୍ଟେଶ୍ୱର ଅଞ୍ଚଳରେ ଶାନ୍ତି ଫେରାଇ ଆଣିବା, ଧରାକୋଟ ଦଳିତ ଆକ୍ରମଣ ଓ ନିର୍ଯ୍ୟାତନା ମାମଲାରେ ମୁଖ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ, ଗୋ ସୁରକ୍ଷା ନାମରେ ମଣିଷ ମାନଙ୍କ ଉପରେ ଆକ୍ରମଣ କରୁଥିବା ଆତ୍ମଘୋଷିତ ଗୋ ସୁରକ୍ଷା ବାହିନୀ କୁ ବେଆଇନ ଘୋଷଣା କରିବା ଆଦି ଦାବି ନେଇ ରାଷ୍ଟ୍ରୀୟ ଦଳିତ ଆଦିବାସୀ ମହାସଂଘ ଓ ଦଳିତ ଶୋଷଣ ମୁକ୍ତି ମଞ୍ଚ ପକ୍ଷରୁ ମିଳିତ ଭାବେ ବାଂଶଡା ଥାନା ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା । ଏହି ଗଣଧାରଣାରେ ରାଷ୍ଟ୍ରୀୟ ଦଳିତ ଆଦିବାସୀ ମହାସଂଘ ଓ ଦଳିତ ଶୋଷଣ ମୁକ୍ତି ମଞ୍ଚର ଜିଲ୍ଲା ଉପଦେଷ୍ଟା ତଥା ସିପିଆଇ(ଏମ) ର ଯୁବନେତା ବିକାଶ ନାଥ, ରାଷ୍ଟ୍ରୀୟ ଦଳିତ ଆଦିବାସୀ ମହାସଂଘ ର ରାଜ୍ୟ ସଂପାଦକ ଅଞ୍ଜନ ଦାସ, ଜାତୀୟ କଂଗ୍ରେସ ନେତା ଦିଗମ୍ବର ଦାସ, ଜିଲ୍ଲା ସଭାପତି ହାକିମ ଦାସ, ଦଳିତ ଶୋଷଣ ମୁକ୍ତି ମଞ୍ଚର ଜିଲ୍ଲା ସଂପାଦକ ଉଜ୍ଜ୍ୱଳ ଯେନା, ସିପିଆଇ(ଏମ) ଚାନ୍ଦବାଲି ଆଞ୍ଚଳିକ କମିଟି ସଂପାଦକ ଗୌରାଙ୍ଗ ଯେନା, ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ମଳୟ ଭୋଇ, ବାମପନ୍ଥୀ ନେତା ଗଦାଧର ପଣ୍ଡା, ରମାକାନ୍ତ ବେହେରା, ଓଡିଶା ବହୁଜନ ସାମୁଖ୍ୟ ରାଜ୍ୟ ଉପସଭାପତି ପ୍ରକାଶ ନାୟକ, ଦଳିତ ନେତା ଲକ୍ଷ୍ମୀଧର ଜେନା, ଯୁବନେତା ଅନୀଲ ରାଉତ, ପ୍ରତାପ ମହାଳିକ ପ୍ରମୁଖ ଯୋଗଦେଇ ନିୟମିତ ଅପରାଧ ସଂଗଠିତ କରାଉଥିବା ଅପରାଧୀ ମାନଙ୍କୁ ଗିରଫ କରାଯାଉ ବୋଲି ଦାବି କରିଥିଲେ । ଶାନ୍ତିପ୍ରିୟ ଓଡିଶାକୁ ନବ୍ୟ ଫାଶୀବାଦୀ ମାନଙ୍କ ହାତକୁ ଟେକି ଦିଆଯାଇପାରିବ ନାହିଁ ବୋଲି ବକ୍ତାମାନେ ଧାରଣା ସ୍ଥଳରେ ଦୃଢୋକ୍ତି ପ୍ରକାଶ କରିଥିଲେ । ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଆନ୍ଦୋଳନକାରୀ ନେତୃତ୍ୱ ପ୍ରକାଶ କରିଛନ୍ତି ଫଟୋ ଅଛି।



ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ରାଷ୍ଟ୍ରପତିଙ୍କ ଦ୍ୱାରା ଉଜ୍ଜ୍ୱଳ...

ନ୍ୟାୟିକ କ୍ଷେତ୍ରରେ ସମର୍ପଣ ଅନୁକରଣୀୟ। ସେ ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି ଏବଂ ସମ୍ବିଧାନର ମୂଲ୍ୟବୋଧକୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିଛନ୍ତି। ସେ ଖୁସି ପ୍ରକାଶ କରିଛନ୍ତି ଯେ ରାଷ୍ଟ୍ରପତି ତାଙ୍କୁ ରାଜ୍ୟସଭାକୁ ମନୋନୀତ କରିଛନ୍ତି । ସି. ସଦାନନ୍ଦନ ମାଷ୍ଟରଙ୍କ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ତାଙ୍କ ଜୀବନ ସାହସ ଏବଂ ଅନ୍ୟାୟ ବିରୁଦ୍ଧରେ ସଂଘର୍ଷର ପ୍ରତୀକ। ସେ ତାଙ୍କ ଶିକ୍ଷା ଏବଂ ସମାଜସେବା କ୍ଷେତ୍ରରେ ଅବଦାନକୁ ପ୍ରଶଂସା କରିଥିଲେ ଏବଂ କହିଥିଲେ ଯେ ସେ ଯୁବ ସଶକ୍ତିକରଣ ପ୍ରତି ଅତ୍ୟନ୍ତ ସମର୍ପିତ। ହର୍ଷ ବର୍ଦ୍ଧନ ଶୃଙ୍ଗଳାଙ୍କୁ ପ୍ରଧାନମନ୍ତ୍ରୀ ଏକ ଦକ୍ଷ କୂଟନୀତିଜ୍ଞ, ଚିନ୍ତାଶୀଳ ବୁଦ୍ଧିଜୀବୀ ଏବଂ ରଣନୈତିକ ଚିନ୍ତାଧାରା ବର୍ଣ୍ଣନା କରିଥିଲେ। ସେ କହିଛନ୍ତି ଯେ ଶୃଙ୍ଗଳାଙ୍କ ଅବଦାନ ଭାରତର ବୈଦେଶିକ ନୀତିକୁ ସୁଦୃଢ଼ କରିବାରେ ଉଲ୍ଲେଖନୀୟ ରହିଛି, ବିଶେଷ ଭାବରେ ଜି୨୦ ର ଅଧ୍ୟକ୍ଷତା ସମୟରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ଡା. ମୀନାକ୍ଷୀ ଜୈନଙ୍କ ପ୍ରଶଂ

ସୋମବାର, ଜୁଲାଇ ୧୪, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଚାଲନ୍ତି ବାଇପାସ୍‌ଠାରେ ଗୀତାଞ୍ଜଳି ଯାତ୍ରୀବାହି ବସ୍ ଦୁର୍ଘଟଣା ଗ୍ରସ୍ତ



ଜଳେଶ୍ୱର,୧୩/୭ (ନି.ପ୍ର) : ଯାତ୍ରୀ ବାହୀ ବସକୁ ପଛପଟୁ ଧକ୍କା ଦେଲା ଟ୍ରକ।ଭାରସାମ୍ୟ ହରାଇ ଓଲଟି ପଡିଲା ୪୦ ରୁ ଉର୍ଦ୍ଧ୍ୱ ଥିବା ଯାତ୍ରା ବାହୀ ବସ। ସୁଚନା ଅନୁଯାୟୀ ଓଡ଼ି ୧୧ଡି ୬୧୫୬ ନମ୍ବର ଗିତାଞ୍ଜଳି ନାମକ ଘରୋଇ ବସ୍ ଚନ୍ଦନେଶ୍ୱରରୁ ଭାୟା ଜଳେଶ୍ୱର ଦେଇ ବାରିପଦା ଜିବା ସମୟରେ ୬୦ ନମ୍ବର ଜାତୀୟ ରାଜପଥ ପଥ ଚାଲନ୍ତି ଛକ ନିକଟରେ ୟୁ ଟର୍ନ ମାରିବା ସମୟରେ ପଛପଟୁ ଏକ ଟ୍ରକ ଧକ୍କା ଦେଇଥିଲା। ଭାରସାମ୍ୟ ହରାଇ ବସଟି ଓଲୋଟି ପଡିଥିଲା।ବସରେ ୪୦ ରୁ ଉର୍ଦ୍ଧ ଯାତ୍ରୀ ଥିଲେ। ସ୍ଥାନୀୟ ଲୋକ ମାନେ ଘଟଣାସ୍ଥଳରେ ପହଞ୍ଚି ପୋଲିସ କୁ ଖବର ଦେବା ସହିତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।୨୦ ରୁ ଅଧିକ ଗୁରୁତ୍ୱରଙ୍କୁ ଜଳେଶ୍ୱର ଜିକେ ଭଟର ହସ୍ପିଟାଲରେ ଚିକିତ୍ସା କରାଯାଉଛି।ଜଳେଶ୍ୱର ବ୍ଲକ ବର୍ତ୍ତନା ପଂଚାୟତ ଖରିଦା ଗ୍ରାମର ୪୫ ବର୍ଷିୟା ମଳୟ ମହାନ୍ତି ଅଧିକ ଚିକିତ୍ସା ପାଇଁ ବାଲେଶ୍ୱର ଯିବା ବାଟରେ ରୁସ୍ତା ଠାରେ ମୃତ୍ୟୁ ବରଣ କରିଛନ୍ତି।ବର୍ତ୍ତମାନ ସମୟରେ ୫ ଜଣ ଅଧିକ ଗୁରୁତରକୁ ବାଲେଶ୍ୱର ମୁଖ୍ୟ ହସ୍ପିଟାଲକୁ ପଠା ଯାଇଛି।

ଏମସିଏଏମ ଦ୍ୱାରା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ପାଳିତ

କିଶୋର ଦାଶଙ୍କୁ 'ଭୂମିପୁତ୍ର' ସମ୍ମାନ



ବାରିପଦା,୧୩/୭(ନି.ପ୍ର) : ସ୍ଥାନୀୟ ମହାରାଜ ପୁର ସ୍ଥିତ ମୟୁରଭଞ୍ଜ କଲେଜ ଅଫ ଆକାଉଣ୍ଟାନସୀ ଆଣ୍ଡ ମ୍ୟାନେଜମେଣ୍ଟ ରେ ମହାରାଜା ଶ୍ରୀ ରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ର ୨୮ ତମ ପ୍ରତିଷ୍ଠା ଦିବସ ମହାବିଦ୍ୟାଳୟର ଅଧକ୍ଷ୍ୟ ଶ୍ରୀ ପ୍ରଦୀପ କୁମାର ନାୟକଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଯାଇଛି.ଏଥିରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଆନ୍ଦୋଳନର ପୁରୋଧା ତଥା ବାରିପଦାର ପୂର୍ବତନ ବିଧାୟକ ଶ୍ରୀ କିଶୋର ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶ୍ୱବିଦ୍ୟାଳୟ ପାଇଁ ଗଢି ଉଠିଥିବା ଆନ୍ଦୋଳନ ଇତିହାସର ସ୍ମୃତି ଚାରଣ କରିଥିଲେ । ଜାତିର ଚରିତ୍ର ଯେତେବେଳେ ନିମ୍ନଗାମୀ ହୋଇଥାଏ ସେତେବେଳେ ବିପ୍ଳବ ହିଁ ଏକମାତ୍ର ପନ୍ଥା ବୋଲି ସେ ମତବ୍ୟକ୍ତ କରିଥିଲେ. ଶିକ୍ଷା କ୍ଷେତ୍ରରେ ହେଉ ବା ସାଧାରଣ ଜୀବନରେ ହେଉ ନିଜର ହକ ପାଇବା ପାଇଁ ଜନସ୍ୱାର୍ଥ ଲଢେଇ ରେ ନିଜକୁ ସାମିଲ କରିବାକୁ ଛାତ୍ରଛାତ୍ରୀ ମାନଙ୍କୁ ସେ ଆହ୍ୱାନ ଦେଇଥିଲେ. ଅଧକ୍ଷ ଶ୍ରୀ ନାୟକ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱ ବିଦ୍ୟାଳୟ ମୟୁରଭଞ୍ଜ ଭଳି ଏକ ଆଦିବାସି ଅଧୁଷିତ ଜିଲ୍ଲା ରେ ଶିକ୍ଷାର ମାନ ବଢ଼ାଇବାରେ କିପରି ସଫଳ ହୋଇଛି ତାଙ୍କ ବକ୍ତବ୍ୟରେ କହିଥିଲେ. ଆଜିର ଏହି ପ୍ରତିଷ୍ଠା ଦିବସ ପାଳନ ଅବସର ରେ ଯାହାଙ୍କ ଆନ୍ଦୋଳନ ପାଇଁ ଏହି ବିଶ୍ୱବିଦ୍ୟାଳୟ ତଥା ମୟୁରଭଞ୍ଜ ଆଇନ ମହାବିଦ୍ୟାଳୟ ପ୍ରଭୃତି ଅନେକ ଅନୁଷ୍ଠାନ ସମ୍ଭବ ହୋଇପାରିଛି ସେହି ମହାନ ବ୍ୟକ୍ତି ତଥା ପୂର୍ବତନ ବିଧାୟକ, ପୂର୍ବତନ ସିନେଟ ଓ ସିଣ୍ଡିକେଟ ସଦସ୍ୟ, ମହାରାଜା ପୂର୍ଣଚନ୍ଦ୍ର ମହାବିଦ୍ୟାଳୟର ପୂର୍ବତନ ଛାତ୍ରସଂସଦ ସଭାପତି ଶ୍ରୀ କିଶୋର ଦାଶ ଙ୍କୁ ମହାବିଦ୍ୟାଳୟ ତରଫରୁ 'ଭୂମିପୁତ୍ର ' ସମ୍ମାନ ରେ ସମ୍ମାନିତ କରାଯାଇଅଛି. ଅନ୍ୟମାନଙ୍କ ମଧରେ ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ ର ଅଧକ୍ଷ୍ୟା ଦେବାଶ୍ରିତା ବିଶ୍ୱାଳ, ମୟୁରଭଞ୍ଜ ମହର୍ଷି ପବ୍ଲିକ ସ୍କୁଲ ର ପ୍ରଧାନ ଶିକ୍ଷୟିତ୍ରୀ ତାପସୀ ମଜୁଆଳ, ଅଧାପିକା ସୁଜାତା ପାଲ, କିରଣବାଳା ବାସ୍କେ, ଭାବନା ଭଞ୍ଜଦେଓ, ଅଧାପକ ସମ୍ବିତ ମିଶ୍ର, ସିରାମ ଟୁଡୁ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ଅଧାପକ ଜ୍ଞାନରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଏଏଲଏଲବି ବଭାଗର ସଂଯୋଜକ ଡ଼ ଜିତେନ୍ଦ୍ର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ପର୍ଯ୍ୟଟକଙ୍କୁ ଦୁର୍ବ୍ୟବହାର ଘଟଣା : ଅଭିଯୁକ୍ତଙ୍କ ଗିରଫ ଦାବି କଲା ରାଜ୍ୟ ସଂଯୁକ୍ତ ମୋର୍ଚ୍ଚା



ଲଙ୍ଗଳେଶ୍ୱର, ୧୩/୭(ନି ପ୍ର) ବାଲିଆପାଳ ବ୍ଲକ ପର୍ଯ୍ୟଟନ କେନ୍ଦ୍ର ଡଗରା ବେଳାଭୂମି ଏବଂ ତାର ଆଖ ପାଖ ଅଂଚଳରେ ଏବେ ଅସାମାଜିକ ବ୍ୟକ୍ତିମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି । ନିକଟରେ ଜଣେ ମହିଳା ପର୍ଯ୍ୟଟକଙ୍କ ସହିତ ଅନ୍ୟ ତିନି ଜଣ ବାଙ୍ଗୀୟ ପର୍ଯ୍ୟଟକ ଡଗରା ବେଳାଭୂମିକୁ ବୁଲିବାକୁ ଆସିଥିଲେ। ଏହାର ସୁଯୋଗରେ ସ୍ଥାନୀୟ ଅଞ୍ଚଳର କେତେ ଜଣ ଅସାମାଜିକ ଲୋକ ସେମାନଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ମହିଳା ପର୍ଯ୍ୟଟକଙ୍କ ପ୍ରତି ଅଶୀଳ ବ୍ୟବହାର କରିଥିଲେ। କେତେକ ଗଣ ମାଧ୍ୟମ ପ୍ରତିନିଧି ଏହାକୁ ସାମାଜିକ ଗଣ ମଧ୍ୟମରେ ଭାଇରଲ କରିଥିଲେ। ଖବର କାଗଜରେ ମଧ୍ୟ ଖବର ପ୍ରକାଶିତ ହୋଇଥିଲା। ଫଳରେ ଏହା ସାଧାରଣ ଲୋକଙ୍କ ଦୃଷ୍ଟିକୁ ଆସି ଥିଲା । ପରେ ଘଟଣାକୁ କେତେକ ସାମାଜିକ ସଂଗଠନ ଏହାକୁ ତୀବ୍ର ବିରୋଧ ଓ ପ୍ରତିବାଦ କରିଥିଲେ। ପୁଲିସ ପର୍ଯ୍ୟଟକଙ୍କ ଏତଲା ମୂଳେ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଅନ୍ୟ ଅଭିଯୁକ୍ତ ମାନଙ୍କୁ ପୁଲିସ ଅଦ୍ୟାବଧି ଗିରଫ କରିପାରି ନାହିଁ। ଅଲ ଇଣ୍ଡିଆ ଏସ ସି, ଏସ ଟି, ପଛୁଆ ବର୍ଗ ଏବଂ ସଂଖ୍ୟା ଲଘୁ ସମ୍ପ୍ରଦାୟର ସଂଯୁକ୍ତ ମୋର୍ଚ୍ଚା ଜାତୀୟ ସମ୍ପାଦକ ସୁଧୀର କୁମାର ଖଣ୍ଡା ଓ ଅନ୍ୟ କାର୍ଯ୍ୟକର୍ତ୍ତା ମାନେ ଏହି ଘଟଣାକୁ ତୀବ୍ର ନିନ୍ଦା କରିବା ସହିତ ଅନ୍ୟ ଅଭିଯୁକ୍ତ ମାନଙ୍କ ଗିରଫ ଦାବି କରିଛନ୍ତି । ଶ୍ରୀ ଖଣ୍ଡା ଏନେଇ ଗତକାଲି ଓଡିଶା ସରକାରଙ୍କ ପୋଲିସ ମହା ନିର୍ଦ୍ଦେଶକ ଆଇ ପି ଏସ.ଓ୍ୱାଇ ବି ଖୁରାନିଆଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହାର ସ୍ଥାୟୀ ପ୍ରତିକାର ପାଇଁ ଏଠାରେ ଏକ ପୁଲିସ ଫାଣ୍ଡି ଅଥବା ପୁଲିସ ଆଉଟ ପୋଷ୍ଟ ପ୍ରତିଷ୍ଠା କରିବା ପାଇଁ ଆସନ୍ତା ସପ୍ତାହରେ ଶ୍ରୀ ଖଣ୍ଡାଙ୍କ ସହିତ ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ପୁଲିସ ମହା ନିର୍ଦ୍ଦେଶକଙ୍କୁ ଭେଟିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି ବୋଲି ଶ୍ରୀଯୁକ୍ତ ଖଣ୍ଡା ପ୍ରକାଶ କରିଛନ୍ତି। ଏହାର ଆନୁସଙ୍ଗିକ ବିକାଶ ଓ ସ୍ଥାୟୀ ସୁରକ୍ଷା ଜରୁରୀ ବୋଲି ଶ୍ରୀ ଖଣ୍ଡା ମଧ୍ୟ ପ୍ରେସକୁ ସୂଚନା ଦେଇଛନ୍ତି।

ଗେଣ୍ଡାଳିଆ ଶୀକାରୀ ଗିରଫ



ବେତନଟୀ,୧୩/୭(ନି.ପ୍ର)- ବେତନଟୀ ରେଞ୍ଜ ବଡାମପୁର ସେକ୍ସନ ଅଧୀନ ତୋଟାପଡା ଇଲାକାରେ ଗେଣ୍ଡାଳିଆ ଶୀକାର କରିବା ଅଭିଯୋଗରେ ଅଭିଯୁକ୍ତକୁ ଗିରଫକରି କୋର୍ଟଚାଲାଣ କରାଯାଇଥିବା ବେଳେ ଅଭିଯୁକ୍ତ ନିକଟରୁ ଗୁରୁତର ଆହତ ଗେଣ୍ଡାଳିଆ ସମେତ ଧନୁ,ଧନୁତୀର, ବାଟୁଳି ଏବଂ ମାଟିଗୋଳା କବତ କରାଯାଇଛି । ଗିରଫ ଅଭିଯୁକ୍ତ ଜଣକ ହେଉଛି ରାସଗୋବିନ୍ଦପୁର ଥାନା ଅଧୀନ ତୋଟାପଡା ଗ୍ରାମର ସ୍ୱର୍ଗତ ଓକିଲ ହେମ୍ବ୍ରମର ପୁଅ ମୋହନ ହେମ୍ବ୍ରମ(୩୫) । ସୂଚନା ମୁତାବକ ପ୍ରତ୍ୟେକବର୍ଷ ବର୍ଷା ସାଙ୍ଗକୁ ଚାଷକାମ ଆରମ୍ଭ ସମୟରେ ବିଭିନ୍ନ ସ୍ଥାନରୁ ଗେଣ୍ଡାଳିଆ(ଏସିଆନ ଓପନବିଲ ଷ୍ଟର୍କ) ମାନଙ୍କର ଆଗମନ ହୋଇଥାଏ । ହଜାର ହଜାର ସଂଖ୍ୟାରେ ଗେଣ୍ଡାଳିଆମାନେ ଅଣ୍ଡା ଦେଇ ଅଣ୍ଡାରୁ ଛୁଆ ଫୁଟାଇବା ପରେ ଧାନ ଅମଳ ସମୟ ଆରମ୍ଭ ହୋଇଗଲେ ପୁନର୍ବାର ଆର୍ଦ୍ରଭୂମି ଅଞ୍ଚଳକୁ ପ୍ରତ୍ୟାବର୍ତ୍ତନ କରିଯାଇଥାନ୍ତି । ତେବେ ବର୍ତ୍ତମାନ ବର୍ଷା ସାଙ୍ଗକୁ ଚାଷିକାମ ଜୋରଦାର ଆରମ୍ଭ ହୋଇଯାଇଥିବା ବେଳେ ବେତନଟୀ ରେଞ୍ଜର ବିଭିନ୍ନ ସ୍ଥାନରେ ହଜାର ହଜାର ସଂଖ୍ୟାରେ ଗେଣ୍ଡାଳିଆଙ୍କର ଆଗମନ ହୋଇସାରିଛି । ଅଧିକାଂଶ ଗେଣ୍ଡାଳିଆ ଅଣ୍ଡାଦେଇ ଅଣ୍ଡାରୁ ଛୁଆ ଫୁଟାଇବା ପ୍ରକ୍ରିୟା ମଧ୍ୟ ଆରମ୍ଭ କରିଦେଇଛନ୍ତି । ଏଭଳି ସ୍ଥିତିରେ କିଛି ଶିକାରୀ ଗେଣ୍ଡାଳିଆ ଗୁଡିକୁ ଶୀକାର କରିବା ସହିତ ଆକାର ଏବଂ ଓଜନ ଅନୁପାତରେ ଗୋଟାକୁ ୪ଶହରୁ ୬ଶହ ଟଙ୍କା ମଧ୍ୟରେ ବିକ୍ରୟ ମଧ୍ୟ କରୁଛନ୍ତି । ତେବେ ଏନେଇ ବିଶ୍ୱସ୍ତସୂତ୍ରରୁ ଖବର ମିଳିବାପରେ ବେତନଟୀ ରେଞ୍ଜର ମନ୍ଜୁର ଖାଁ ରବିବାର ଅପରାହ୍ନରେ ତୋଟାପଡା ଗ୍ରାମରେ ସଦଳବଳେ ଅତର୍କିତ ଚ ଚଢାଉ କରିଥିଲେ । ଚଢାଉ ସମୟରେ ଥୋଣ୍ଟ ଏବଂ ଗୋଡବନ୍ଧା ଯାଇଥିବ ଅବସ୍ଥାରେ ଥିବା କ୍ଷତାକ୍ତ ଗୁରୁତର ଗେଣ୍ଡାଳିଆକୁ ଉଦ୍ଧାର କରିବା ସହିତ ଶୀକାରରେ ବ୍ୟବହୃତ ଧନୁ, ଧନୁତୀର, ବାଟୁଳି ଏବଂ ବିପୁଳ ପରିମାଣର ମାଟିଗୋଳା ଜବତ କରାଯାଇଥିଲା । ଏଥିସହିତ ଏହି ବେଆଇନ କାରବାରରେ ଜଡିତ ତୋଟାପଡା ଗ୍ରାମର ସ୍ୱର୍ଗତ ଓକିଲ ହେମ୍ବ୍ରମର ପୁଅ ମୋହନ ହେମ୍ବ୍ରମ(୩୫)କୁ ଗିରଫ କରାଯାଇଥିବା ବେଳେ ସହଯୋଗୀ ଶ୍ୟାମସୁନ୍ଦର ହେମ୍ବ୍ରମ ଘଟଣାସ୍ଥଳରୁ ଚମ୍ପଟ ମାରିବାରେ ସଫଳ ହୋଇଥିଲା । ଖବରପାଇ ବାରିପଦା ବନଖଣ୍ଡର ସହକାରୀ ବନସଂରକ୍ଷକ (ଏସିଏଫ) ଶେଖ ମେହେରବାନ ଅଲ୍ଲୀ ବେତନଟୀ ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚିଥିଲେ ।

ବରିଷ୍ଠ ନାଗରିକଙ୍କ ନିମନ୍ତେ ନିଶୁଳ୍କ ରୁମାଟୋଲୋଜି ଚିକିତ୍ସା ଶିବିର ଅନୁଷ୍ଠିତ



ବାଲେଶ୍ୱର,୧୩/୭(ନି.ପ୍ର)- ଶେରଗଡର ଭୂଇଁପଡା ଗ୍ରାମରେ ଅବସ୍ଥିତ ଦିବ୍ୟ ମନ୍ଦିର ଓଲ୍ଡ ଏଜ୍ ହୋମ୍ ପରିସରରେ "ନିଶୁଳ୍କ ରୁମାଟୋଲୋଜି ଚିକିତ୍ସା ଶିବିର" ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସ୍ୱିଡେନ ର ରୁମାଟୋଲୋଜି ବିଶେଷଜ୍ଞ ଡ଼ା: ରବିନାରାୟଣ ଦାଶ ଏମ୍:ଡି: (ରୁମାଟୋଲୋଜି), ଏମ୍:ଡି: (ଆଭ୍ୟନ୍ତରିଣ ଭେଷଜ), ଏମ୍:ପି:ଏଚ୍: ଏବଂ ଫିଜିଓଥେରାପି ବିଶେଷଜ୍ଞ ଡା: ହିତାର୍ଥ ପଟ୍ଟନାୟକ ପାଦ, ଆଣ୍ଠୁ ଗଣ୍ଠି, କମର, ମେରୁଦଣ୍ଡ, ହାତ ପାପୁଲି, ମଣିବନ୍ଧ, ହାତ, ବାହୁ, ବେକ, କାନ୍ଧରେ ଫୁଲା ଓ ଯନ୍ତ୍ରଣା ଇତ୍ୟାଦି ରୋଗର ରୋଗ ନିଦାନ ଓ ବିଧାନ କରିଛନ୍ତି। ଏହି ଶିବିର କୁ ଦିବ୍ୟ ମନ୍ଦିର ଓଲ୍ଡ ଏଜ୍ ହୋମର ସମ୍ପାଦକ ଜନ୍ମେଜୟ ଶତପଥୀ ଓ ବଣ ଧୂଳିର ଫୁଲ ର ଅଧକ୍ଷ ବିଜୟ କୁମାର ଆଚାର୍ଯ୍ୟ ଆୟୋଜନ କରିଥିବା ବେଳେ ଓଲ୍ଡ ଏଜ୍ ହୋମର କର୍ମକର୍ତ୍ତା ହେମନ୍ତ ବେହେରା ଓ ବଣ ଧୂଳିର ଫୁଲ ର ସଂଯୋଜିକା କବିତା ସିଂ ଶିବିର ପରିଚାଳନା କରିଛନ୍ତି । ଏହି ଶିବିରରେ ଓଲ୍ଡ ଏଜ୍ ହୋମର ୨୬ ଜଣ ଅନ୍ତବାସୀଙ୍କ ସହିତ ୫ ଜଣ ସ୍ଥାନୀୟ ବୟୋଜ୍ୟେଷ୍ଠ ବ୍ୟକ୍ତି ମାନଙ୍କୁ ମିଶାଇ ମୋଟ ୩୧ ଜଣ ବୟୋଜ୍ୟେଷ୍ଠ ନାଗରିକ ମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଛି । ଏହି ଶିବିର ପରିଚାଳନାରେ ବାଲେଶ୍ୱରର ଶକୁନ୍ତଳା ରୁମାଟୋଲୋଜି ହସ୍ପିଟାଲ ଆଣ୍ଡ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ବୈଷୟିକ ସହାୟତା ଯୋଗାଇ ଦେଇଛନ୍ତି।

ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘର ବାର୍ଷିକ ସମ୍ମିଳନୀ


ରକ୍ତଦାନ ସହ ଭୋଟ୍ ଦାନ ପାଇଁ ଯୁବବର୍ଗଙ୍କୁ ମୁଖ୍ୟଅତିଥିଙ୍କ ଆହ୍ୱାନ



ବାଲେଶ୍ୱର, ତା୧୩-୦୭ (ନି.ପ୍ର): ମାନବରକ୍ତର ବିକଳ୍ପ ନାହିଁ। ଜଣେ ରକ୍ତଦାତା ହିଁ ରକ୍ତଦାନ କରି ଅନ୍ୟଜଣଙ୍କର ଜୀବନରକ୍ଷା କରିପାରିବ। ତେଣୁ ରକ୍ତଦାନ ହିଁ ହେଉଛି ମହତଦାନ। ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘର ୧୫ତମ ବାର୍ଷିକ ସମ୍ମିଳନୀରେ ଯୋଗଦେଇ ଅତିଥି ଓ ବକ୍ତାମାନେ ଏହିମତ ପ୍ରଦାନ କରିଛନ୍ତି। ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ତଥା 'ଆମ ଓଡ଼ିଶା'ର ଅଧକ୍ଷ ସୌମ୍ୟରଂଜନ ପଟ୍ଟନାୟକଙ୍କ ସମେତ ସମ୍ମାନିତ ଅତିଥି ଓ ବକ୍ତାଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ରେମୁଣା ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବସ୍ତା ବିଧାୟିକା ସୁବାସିନୀ ଜେନା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଏବଂ ଜିଲ୍ଲା ରକ୍ତ କେନ୍ଦ୍ର ଅଧିକାରୀ ଡା. ବସନ୍ତ କୁମାର ଉପାଧ୍ୟାୟ ଯୋଗଦେଇ ରକ୍ତଦାନ କ୍ଷେତ୍ରରେ ସମଗ୍ର ରାଜ୍ୟରେ ବାଲେଶ୍ୱର ଜିଲ୍ଲାର ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲା ରକ୍ତଦାତା ସଂଘର ଉଦ୍ୟମକୁ ଉଚ୍ଚପ୍ରଶଂସା କରିଥିଲେ। ସଭାକାର୍ଯ୍ୟ ଆରମ୍ଭରେ ଅତିଥିମାନେ ଶ୍ରୀଶ୍ରୀ ଜଗନ୍ନାଥଙ୍କ ବିଗ୍ରହରେ ଓ ରକ୍ତବର୍ଗର ଉଦ୍‌ଭାବକ ତଥା ନୋବେଲ୍ ବିଜେତା ବୈଜ୍ଞାନିକ କାର୍ଲ ଲ୍ୟାଣ୍ଡଷ୍ଟେନରଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସଂଗଠନର ମୁଖପତ୍ର 'ସ୍ପନ୍ଦନ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଗତବର୍ଷରେ ସର୍ବାଧିକ ରକ୍ତଦାନ ଶିବିର ଆୟୋଜକ, ସର୍ବାଧିକ ରକ୍ତସଂଗ୍ରହ କରିଥିବା ବ୍ୟକ୍ତି ଓ ସଂଗଠନମାନଙ୍କୁ ସଂଘ ପକ୍ଷରୁ ଅତିଥିମାନେ ପୁରସ୍କୃତ କରିଥିଲେ। ପୃଷ୍ଠପୋଷକ ସଦସ୍ୟ ଭାବେ ଜିଲ୍ଲା ରକ୍ତଦାତା ସଂଘକୁ ୫୦ ହଜାର ଟଙ୍କା ଦାନ କରିଥିବାରୁ ସମାଜସେବୀ ପଦ୍ମଲୋଚନ ଦତ୍ତଙ୍କୁ ଉପାୟନ ପ୍ରଦାନ କରାଯାଇଥିଲା। ରକ୍ତଦାତା ସଂଘର ସଭାପତି କମଲ ଚକ୍ରବର୍ତ୍ତୀ ଅଧିବେଶନରେ ଅଧକ୍ଷତା କରିଥିବାବେଳେ ସାଧାରଣ ସଂପାଦକ ଇଂ. ଡ. ହୃଷିକେଶ ସାହୁ ସଂପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଶ୍ରୀଯୁକ୍ତ ପଟ୍ଟନାୟକ ୧୮ବର୍ଷ ବୟସରେ ଯୁବବର୍ଗ ରକ୍ତଦାନ ପାଇଁ ଯୋଗ୍ୟ ହେଉଥିବାବେଳେ ସେ ଦେଶର ଜଣେ ନାଗରିକ ଭାବେ ସଂବିଧାନ ପ୍ରଦତ୍ତ ଭୋଟଦାନର ଅଧିକାର ମଧ୍ୟ ସାବ୍ୟସ୍ତ କରିବାକୁ ଆହ୍ୱାନ ଦେଇଥିଲେ। ସଭାକାର୍ଯ୍ୟ ଆରମ୍ଭରେ ପୁରୀ ଜିଲ୍ଲା ଚନ୍ଦନପୁରର 'ଉତ୍କଳ ଡ୍ୟାନ୍ସ ଗ୍ରୁପ୍'ର କଳାକାରମାନେ ଚିତ୍ତାକର୍ଷକ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। ଗୌରାଙ୍ଗ ପାଣିଗ୍ରାହୀ ମଞ୍ଚଆହ୍ୱାନ କରିଥିବାବେଳେ ମନୋରଂଜନ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ଅକ୍ଷୟ କୁମାର ତ୍ରିପାଠୀ, ପ୍ରଫୁଲ୍ଲ କୁମାର ଦାସ, ଯଶୋଦାନନ୍ଦନ ଆସ୍, ଗଙ୍ଗାଧର ପୃଷ୍ଟି, ଲକ୍ଷ୍ମୀଧର ବାରିକ, ଜନତ୍ ହୁସେନ୍, ଶ୍ୟାମସୁନ୍ଦର ଜେନା ଓ ଦେବାଶିଷ ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଅପରାହ୍ନ ଅଧିବେଶନରେ ଆସନ୍ତା ଦୁଇବର୍ଷପାଇଁ ନୂତନ କର୍ମକର୍ତ୍ତାଙ୍କୁ ନିର୍ବାଚିତ କରାଯାଇଥିଲା। ବରିଷ୍ଠ ସାଂବାଦିକ ରବି ରାଉତ ନିର୍ବାଚନ ପରିଚାଳନା କରିଥିଲେ। ବିଜୟ ପାତ୍ର ଏହି ଅଧିବେଶନରେ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ।

'ଭୂମିଜା -ମହାସତୀ ସୀତା" ପୁସ୍ତକ ଉନ୍ମୋଚିତ

ମହା ଭଗବତୀ ସୀତାଙ୍କର ଜୀବନ, ସଂଘର୍ଷ, ତ୍ୟାଗ, ପତିଭକ୍ତିର ଉଜ୍ୱଳ କାହାଣୀ



ଭୁବନେଶ୍ୱର,୧୩/୭(ନି.ପ୍ର)- ଲେଖିକା ତନିମା ପରିଡାଙ୍କ ନୂଆ ପୁସ୍ତକ "ଭୂମିଜ। -ମହାସତୀ ସୀତା" ପୁସ୍ତକ ଉନ୍ମୋଚିତ ହୋଇଯାଇଛି । ଏକ ବର୍ଣ୍ଣାଢ୍ୟ ସମାରୋହରେ ଅତିଥି ଭାବେ ଯୋଗ ଦେଇଥିଲେ କାହାଣୀକାର, ଗୀତିକାର, ସମାଜସେବୀ ଡ଼ ବଦ୍ରି ମିଶ୍ର, ବିଶିଷ୍ଟ ଲେଖିକା ଶୁଭଶ୍ରୀ ମିଶ୍ର, ଜାତୀୟ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଚିତ୍ରକର ଗୁରୁ ମହେନ୍ଦ୍ର ପ୍ରସାଦ ମହାପାତ୍ର, ପୁସ୍ତକଟିର ପ୍ରକାଶକ ଶୁଭାନ୍ୱେଷ ରଥ, ଆଧାତ୍ମିକ ପ୍ରବକ୍ତା ତଥା ଗୁରୁ ପ୍ରତିଭା ମିଶ୍ର । ଲେଖିକା ତନିମା ପରିଡାଙ୍କ ଲେଖାର ଅତିଥି ଏବଂ ଦର୍ଶକ ଭୁୟସୀ ପ୍ରଶଂସା କରିଥିଲେ । ମହର୍ଷି ବାଲ୍ମୀକି ରଚିତ ସୃଷ୍ଟିର ପ୍ରଥମ ମହାକାବ୍ୟ ରାମାୟଣ ମାନବ ଜାତି ପାଇଁ ଏକ ଅମୁଲ୍ୟ ଉପହାର । ପବିତ୍ର ରାମାୟଣ ରେ ରଚିତ ସୀତାଙ୍କ ଚରିତ୍ର ସର୍ବଶ୍ରେଷ୍ଠ ।ସଂସାର ରେ ସମସ୍ତ ନାରୀ ମାନଙ୍କ ପାଇଁ ମାତା